# ଥାନା ପାଲଟୁଛି କବାଡ଼ିଖାନା

## ଥାନାରେ ଭର୍ତ୍ତି ହେଉଛି ଜବତ ଗାଡ଼ି

**ବ୍ରହ୍ମପୁର ଅଫିସ୍,୧୨।୧୨**

ମାଳ ମାଳ ଅଚଳ ଗାଡି । କେଉଁଥିରେ ଚେଚିସ୍ କଭର୍ ନାହିଁ ତ ଆଉ କେଉଁଥିରେ ବ୍ୟାଟେରି ନାହିଁ । ବର୍ଷ ତମାମ୍ ଖରା ବର୍ଷା ଶୀତ କାକର ଖାଇ ଗାଡି ସବୁ ଏବେ ନଷ୍ଟ ହେବାକୁ ବସିଲାଣି । ବେଳେ ଥାନାଗୁଡିକ ଏବେ କବାଡିଖାନା ପାଲଟି ଯାଇଛି । ବ୍ରହ୍ମପୁର ପୋଲିସ ଜିଲାର ସମସ୍ତ ଥାନା ଏବେ କବାଡିଖାନା ହୋଇଛି । ବିଭିନ୍ନ କାରଣରୁ ପୋଲିସ ପକ୍ଷରୁ ଗାଡିଗୁଡିକ ଜବତ କରାଯାଇ ଥାନାକୁ ଅଣାଯାଉଥିବାବେଳେ ପରବର୍ତ୍ତୀ ସମୟରେ ତାକୁ ସମ୍ପୃକ୍ତ ଗାଡି ମାଲିକମାନେ ଆଉ ନେବାକୁ ଚାହୁଁ ନ ଥିବାରୁ ଜବତ ଗାଡି ସଂଖ୍ୟା ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି । ସେହିପରି କୋର୍ଟ ପକ୍ଷରୁ ମଧ୍ୟ ଅକ୍ସନ ପାଇଁ ବିଜ୍ଞପ୍ତି ପ୍ରକାଶ କରାଯାଉ ନ ଥିବାରୁ ସମଦଶା ଉପୁଜିଛି ।

ପ୍ରକାଶଯେ ଦୁର୍ଘଟଣା, ଚୋରି, ହତ୍ୟା, ହତ୍ୟା ଉଦ୍ୟମ, ଚେରା ନିଶାଦ୍ରବ୍ୟ ଚାଲାଣ ଭଳି ବିଭିନ୍ନ ମାମଲାରେ ବ୍ୟବହୃତ ଗାଡିଗୁଡିକୁ ପୋଲିସ ଜବତ କରିଥାଏ। ଥରେ ପୋଲିସ ଜବତ କରିବା ପରେ ଉକ୍ତ ସମ୍ପତ୍ତି ଅଦାଲତର ହୋଇଯାଇଥାଏ। ପରବର୍ତ୍ତୀ ସମୟରେ ସମ୍ପୃକ୍ତ ମାଲିକ ନିଜ ଗାଡିକୁ ନେବାକୁ ହେଲେ ଓକିଲ ଜରିଆରେ ଅଦାଲତର ଆଶ୍ରୟ ନେବାକୁ ହୋଇଥାଏ । ମାମଲାର ବିଚାର ସରିବା ପରେ କିମ୍ବା ପୂର୍ବରୁ ସମ୍ପୃକ୍ତ ଗାଡି ମାଲିକ ଅଦାଲତରୁ ନିଜ ଗାଡିକୁ ଜିମାରେ ନେଇପାରିବେ । ସମ୍ପୃକ୍ତ ଗାଡି ମାଲିକ ଦୋଷୀ ସାବ୍ୟସ୍ତ ହେଲେ ଜବତଗାଡିକୁ ମଧ୍ୟ ପୋଲିସ ଜିମାରେ ରଖିବା ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଥାଏ । ନିୟମାନୁଯାୟୀ ମାମଲାର ଶୁଣାଣି ହେବା ପରେ ଅଦାଲତ ଆକ୍ସନ ପାଇଁ ବିଜ୍ଞପ୍ତି ପ୍ରକାଶ କରିବା କଥା । କିନ୍ତୁ ତାହା ହେଉ ନ ଥିବାରୁ ଥାନା ଗୁଡିକରେ ଜବତ ଗାଡି ସଂଖ୍ୟା ବୃଦ୍ଧି ପାଉଛି ବୋଲି ଜଣେ ଏସ୍ଆଇ ନିଜ ନାମ ଗୋପନ ରଖି ସୂଚନା ଦେଇଛନ୍ତି ।

ସେହିପରି ଯେ କୌଣସି ମାମଲାରେ ସମ୍ପୃକ୍ତ ଜବତ ଗାଡିକୁ ମାଲିକମାନେ ଥାନାରୁ ନ ନେବା ପଛରେ ଅନ୍ୟ କାରଣ ମଧ୍ୟ ରହିଛି । ଗାଡିଗୁଡିକୁ ସମ୍ପୃକ୍ତ ମାଲିକମାନେ ବୀମା ଭୁକ୍ତ କରିଥିବାରୁ ଏତଲାର ନକଲ ଦେଇ ସମ୍ପୃକ୍ତ ବୀମା କମ୍ପାନୀରୁ ବୀମା ଅର୍ଥ ଉଠାଇ ନୂଆ ଗାଡି କିଣି ନେଉଛନ୍ତି । ବୀମା କମ୍ପାନୀ ମଧ୍ୟ ଉକ୍ତ ଜବତ ଗାଡି ବିଷୟରେ ସେତେଟା ଗୁରୁତ୍ୱ ଦେଉ ନ ଥିବା ବେଳେ ଗାଡି ମାଲିକ ମଧ୍ୟ ବୀମା ଅର୍ଥ ପାଇ ବେଶ୍ ଖୁସିରେ ରହିଯାଉଛି । ଅନ୍ୟପକ୍ଷରେ ଜବତକୁ ନେଇ ପୋଲିସର ଦାୟିତ୍ୱ ବଢି ଯାଉଥିବା ବେଳେ ସେ ଗୁଡିକର ସୁରକ୍ଷା ଏବଂ ରକ୍ଷଣାବେକ୍ଷଣ ନେଇ ମୁଣ୍ଡ ବ୍ୟଥା ବଢି ଯାଇଥାଏ । କାହିଁକିନା ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବାକୁ ପୋଲିସ କର୍ମଚାରୀ ତଥା ଅଧିକାରୀଙ୍କ ସଂଖ୍ୟା କମ୍ ହେଉଥିବା ବେଳେ ଜବତ ଗାଡିଗୁଡିକର ହେପାଜତ କରିବାକୁ କାହାରି ନିକଟରେ ସମୟ ନଥାଏ ।



ଟାଉନଥାନାରେ ବିଭିନ୍ନ କାରଣରୁ ଜବତ ହୋଇ ରହିଥିବା ଗାଡି ।

### ସେମାନେ ଯାହା କୁହନ୍ତି

ଗାଡି ଜବତ ହେଲେ, ସମ୍ପୃକ୍ତ ମାଲିକଙ୍କୁ ତଦନ୍ତକାରୀ ଅଧିକାରୀ ଚାହିଁଲେ ନିଜ ଦାୟିତ୍ୱରେ ଜିମାଦେଇ ପାରିବାର ବ୍ୟବସ୍ଥା ରହିଛି । ହେଲେ କେହି ନିଜ ଉପରକୁ ଦାୟିତ୍ୱ ନେବାକୁ ଚାହୁଁନାହାନ୍ତି । ସେହିପରି ଥରେ ଗାଡି ଜବତ ହେଲେ ଉକ୍ତ ଗାଡି କୋର୍ଟର ହୋଇଯାଇଥାଏ । ମାମଲାର ବିଚାରଣା ପୂର୍ବରୁ ଗାଡି ମାଲିକ ମାନେ କୋର୍ଟର ଦ୍ୱାରସ୍ଥ ହୋଇ ନର୍ଦ୍ଦେଶାନୁଯାୟୀ ଜିମା ଅର୍ଥ ରାଶି ପୈଠ କରି ନିଜ ଗାଡିକୁ ମୁକୁଳାଇ ନେଉଛନ୍ତି । ନିୟମ ରହିଛି, ବିଚାର ଶେଷ ହେବା ଯାଏ ଉକ୍ତଗାଡିକୁ ସମ୍ପୃକ୍ତ ମାଲିକ ବିକ୍ରି କରିପାରବେ ନାହିଁ । ଏମିତିକି ରଙ୍ଗ ମଧ୍ୟ ବଦଳାଇପାରିବେ ନାହିଁ । ତେଣୁ କରି ଅଧିକାଂଶ ଲୋକଙ୍କ ଗାଡି ମୁକୁଳାଇବାକୁ ଆଗ୍ରହ ନ ଥାଏ ।

**ଡ.ସୁଧାଂଶୁ ଶେଖର କର, ଆଇନଜୀବୀ, ବ୍ରହ୍ମପୁର**

ବହୁ ଚେଷ୍ଟା ସତ୍ତ୍ୱେ ଅକ୍ସନ ହୋଇପାରୁନି । ପ୍ରାୟ ୧୫୦ ଗାଡି ଚିହ୍ନଟ କରି ଅକ୍ସନ ପାଇଁ ରଖିଥିଲୁ । ହେଲେ ଜଟିଳ ପଦ୍ଧତି ହେତୁ ତାହା ହେବାରେ ବିଳମ୍ବ ଘଟୁଛି । ବହୁତ ଗୁଡାଏ ଗାଡିକୁ ବିଚାର ଶେଷ ହେବା ପରେ ସମ୍ପୃକ୍ତ ଦାବିଦାରଙ୍କୁ ହସ୍ତାନ୍ତର କରାଯାଇଛି । ତେବେ ଦାବିଦାର ନ ଥିବା ଗାଡିଗୁଡିକୁ କେହି ନେଉ ନ ଥିବାରୁ ସେସବୁର ଅକ୍ସନ କରିବା ପାଇଁ ଚେଷ୍ଟା କରାଯାଉଛି, ତାହା ହୋଇପାରୁ ନ ଥିବାରୁ ପୋଲିସ ପାଇଁ ସମସ୍ୟା ସୃଷ୍ଟି ହେଉଛି ।

**ପିନାକ ମିଶ୍ର, ଏସ୍‌ପି, ବ୍ରହ୍ମପୁର ପୋଲିସ ଜିଲା**

## ସଂକ୍ଷେପରେ

### ଅନ୍‌ଲାଇନ୍ ଟଙ୍କା ଠକେଇ ମାମଲା: ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ

**ବ୍ରହ୍ମପୁର ଅଫିସ,୧୨।୧୨:** ଅନ୍‌ଲାଇନରେ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଠକେଇ ମାମଲାରେ ଅଭିଯୁକ୍ତଙ୍କୁ ବୁଧବାର ଦ୍ୱିତୀୟ ଅତିରିକ୍ତ ଜିଲା ଦୌରାଜଜ୍ ଦୀପକ କୁମାର ଜାମିନ ପ୍ରଦାନ କରଛନ୍ତି। କୋର୍ଟ ଚାଲାଣର ୨ ମାସ ପରେ ଅଭିଯୁକ୍ତ ସନ୍ତୋଷ ମହାନ୍ତି ସର୍ତ୍ତମୂଳକ ଜାମିନ ପାଇଥିବା ତାଙ୍କ ଓକିଲ ବି.ଭାଗୀରଥି ରାଓ ସୂଚନା ଦେଇଛନ୍ତି ।



ବୈଦ୍ୟନାଥପୁର ଥାନା ଲାଞ୍ଜିପଲ୍ଲୀ କ୍ରିଷ୍ଣାନଗର ତୃତୀୟ ଲେନ୍‌ର ସନ୍ତୋଷ ତାଙ୍କ ଘନିଷ୍ଠ ବନ୍ଧୁ ଗୁରୁଣ୍ଡି ଗ୍ରାମର କିରଣ କୁମାର ନାୟକଙ୍କ ବାପା ତଥା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ପ୍ରକାଶ ଚନ୍ଦ୍ର ନାୟକଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଅନଲାଇନରେ ଟଙ୍କା ଠକେଇ କରିଥିଲେ। କିରଣଙ୍କ ବାପା ଓ ମା' ପକ୍ଷାଘାତରେ ପୀଡିତ ଥାଇ ଚିକିତ୍ସିତ ହେଉଛନ୍ତି। କିରଣଙ୍କ ଅନୁପସ୍ଥିତିରେ ସନ୍ତୋଷ ତାଙ୍କ ଘରକୁ ଯାଇ ବାପା ପ୍ରକାଶଙ୍କ ୨ଟି ଏଟିଏମର ଫଟୋ ନିଜ ମୋବାଇଲରେ କଏଦ କରିନେଇଥିଲେ। ପରେ ସମ୍ପୃକ୍ତ ବ୍ୟାଙ୍କ ଆକାଉଣ୍ଟକୁ ସଂଯୋଗ ରହିଥିବା ସିମ୍‌କୁ ମୋବାଇଲରୁ ନେଇଯାଇ ଅଗଷ୍ଟ ୯ରୁ ୨୬ ତାରିଖ ମଧରେ ୩ ପର୍ଯ୍ୟାୟରେ ୩ ଲକ୍ଷ ୭୧ ହଜାର ଟଙ୍କା ନିଜ ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିଥିଲେ। ପ୍ରକାଶଙ୍କ ଟଙ୍କା ଗାଏବ ହେବା ନେଇ ବ୍ରହ୍ମପୁର ସାଇବର ଥାନାରେ ଏତଲା ହୋଇଥିଲା। ନଂ.୧୪/୧୮ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିଲା। ଅକ୍ଟୋବର ୫ ତାରିଖରେ ପୋଲିସ ସନ୍ତୋଷଙ୍କୁ ଗିରଫ କରିଥିଲା।

### ନକଲି ବିଦେଶୀ ମଦ ପ୍ରସ୍ତୁତ ଘଟଣା, ଆଉ ଜଣେ ଗିରଫ

**ବ୍ରହ୍ମପୁର ଅଫିସ୍,୧୨।୧୨:** ବ୍ରହ୍ମପୁର ସଦର ଥାନା ଅଧୀନସ୍ଥ ବୋରିଗାଁରେ ନକଲି ବିଦେଶୀ ମଦ ପ୍ରସ୍ତୁତ କରିବା ଘଟଣାରେ ବୁଧବାର ପୋଲିସ ଆଉ ଜଣଙ୍କୁ ଗିରଫ କରିଛି। ସେ ହେଲେ ଆସିକା ରୋଡ୍ ପାଣିଗ୍ରାହୀପେଣ୍ଠ ସାହିର ବୁଲୁ ପାତ୍ର। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ୭ ତାରିଖରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଏବେ ଗିରଫ ସଂଖ୍ୟା ୪ରେ ପହଞ୍ଚିଛି। ପ୍ରକାଶ ଯେ, ୬ ତାରିଖ ବିଳମ୍ବିତ ରାତ୍ରିରେ ବୋରିଗାଁ ସ୍ଥିତ ନାରାୟଣ ସାହୁଙ୍କ ହୋଟେଲରେ ପୋଲିସ ଛାପା ମାରିଥିଲା । ସେଠାରେ ବିଭିନ୍ନ ବିଦେଶୀ ମଦ ଖାଲି ବୋତଲରେ ସ୍ପିରିଟ୍ ଓ ପାଣି ସହିତ ରଙ୍ଗ ବୋଳାଯାଇ ଓଡିଶା ସରକାର ଅବକାରୀ ବିଭାଗର ଷ୍ଟିକର୍ ଲଗାଯାଇ ନକଲି ବିଦେଶୀ ମଦ ପ୍ରସ୍ତୁତ ହେଉଥିବା ଜଣାପଡିଥିଲା । ସେଠାରୁ ନକଲି ଲୋଗୋ , ନକଲି ବିଦେଶୀ ମଦ ଭର୍ତ୍ତି ବୋତଲ, ଖାଲି ବୋତଲ ଆଦି ଜବତ କରାଯାଇଥିଲା। ଏ ନେଇ ନଂ.୨୮୪/୧୮ରେ ମାମଲା ରୁଜୁ କରାଯାଇ ବୋରିଗାଁର ନାରାୟଣ ସାହୁ, ତାଙ୍କ ଭଣଜା ବଡବଜାର ଥାନା ଖଣ୍ଡିଆ କମୁଟି ସାହିର ଅନୀଲ କୁମାର ସାହୁ ଏବଂ ସଦରଥାନା ମଶିଆଖାଲିର ଗୁରୁବାରୀ ସାହୁଙ୍କୁ ଗିରଫ କରାଯାଇଥିଲା।

## ■ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ତୃତୀୟ ସନ୍ଧ୍ୟା

# ନାଟକରେ ନୋଳିଆଙ୍କ କାହାଣୀ



ନାଟକର ଏକ ଦୃଶ୍ୟ।

**ବ୍ରହ୍ମପୁର ଅଫିସ,୧୨।୧୨**

ସ୍ୱାଧୀନତା ପରେ ସାହୁକାରୀ ପ୍ରଥା ହଟିଛି । ଗଣତାନ୍ତ୍ରିକ ରାଷ୍ଟ୍ରରେ ନିଜ ଇଚ୍ଛା ଅନୁସାରେ ବଞ୍ଚିବାକୁ ଭାରତୀୟ ସମ୍ବିଧାନ ସମାନ ଅଧିକାର ମଧ ଦେଇଛି । କିନ୍ତୁ ଏହି ଅଧିକାର ସମୁଦ୍ରକୂଳରେ ବାସକରୁଥିବା ନୋଳିଆଙ୍କ ପାଖରେ ଅପହଞ୍ଚ ହୋଇଛି । ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ବି ନୋଳିଆ ପରିବାର ସାହୁକାରଙ୍କ ଶୋଷଣ ଓ ଆକ୍ରୋଶର ଶିକାର ହେଉଛନ୍ତି । ଏକ ନୋଳିଆ ପରିବାରର ଏଭଳି ଦୁଃଖଦ ଓ ସଙ୍ଘର୍ଷର କାହାଣୀକୁ ନେଇ ନାଟକ 'ଶାମୁକା ସମାଧି' ବୁଧବାର ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ରଙ୍ଗ ସଙ୍ଗମ-୨୦୧୮ର ତୃତୀୟ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଥିଲା । ନିଜ ଲାଳସା ତଥା ସ୍ୱାର୍ଥ ହାସଲ ପାଇଁ ସାହୁକାର ସର୍ଦ୍ଦାର ମହିପାଲ କିପରି ସମୁଦ୍ରକୂଳର ଏକ ନୋଳିଆ ବସ୍ତିରେ ବାସ କରୁଥିବା ସଦେଇଙ୍କ ପରିବାରର ସର୍ବସ୍ୱ ଉଜାଡି ଦେଇଛି ତାହା ନାଟକରେ ଦେଖିବାକୁ ମିଳିଥିଲା। ବ୍ରହ୍ମପୁରର ଓଡିଶା ନାଟକ ସମାରୋହ ସମିତି ଦ୍ୱାରା ପ୍ରାୟୋଜିତ ଏହି ନାଟକକୁ ରଞ୍ଜିତ ପଟ୍ଟନାୟକ ରଚନା କରିଥିବା ବେଳେ ନଳିନୀ ଲୋଚନ ପାଣିଗ୍ରାହୀ ନିର୍ଦ୍ଦେଶନା ଦେଇଥିଲେ। ହିଲପାଟଣାସ୍ଥିତ ବିଜୁ ପଟ୍ଟନାୟକ ସଂସ୍କୃତି ଭବନଠାରେ ଆୟୋଜିତ ଏହି ନାଟକ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ବ୍ରହ୍ମପୁର ଆକାଶବାଣୀ କେନ୍ଦ୍ରର ନିର୍ଦ୍ଦେଶକ ହୃଷୀକେଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବିସିସି ବ୍ୟାଙ୍କ ସଭାପତି ଅଲେଖ ଚୌଧୁରୀ, ଓଡିଶା ନାଟକ ସମାରୋହ ସମିତିର ସମ୍ପାଦକ ଶଙ୍କର୍ଷଣ ସାବତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଓଡିଶା ନାଟକ ସମାରୋହ ସମିତିର ସାଧାରଣ ସମ୍ପାଦକ ମିହିର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

## ପୋଡ଼ିହୋଇ ଗୁରୁତର ମହିଳାଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ୍,୧୨।୧୨**

ରୋଷେଇ କରିବା ବେଳେ ପୋଡ଼ି ହୋଇ ଗୁରୁତର ହୋଇଥିବା ମହିଳାଙ୍କ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ମୃତ୍ୟୁ ଘଟିଛି। ସେ ହେଲେ ପୁରୁଷୋତ୍ତମପୁର ଥାନା ବି.କରଞ୍ଜିଆ ଗ୍ରାମର ଟିଙ୍କିରି ବେହେରାଙ୍କ ସ୍ତ୍ରୀ ବିନୁ (୪୫)। ବିନୁ ମଙ୍ଗଳବାର ଅପରାହ୍ନରେ ଘରେ ରୋଷେଇ କରୁଥିଲେ। ଅସାବଧାନତାବଶତଃ ନିଆଁ ସଂସ୍ପର୍ଶରେ ଆସିଯିବାରୁ ସେ ପୋଡି ହୋଇଯାଇଥିଲେ । ପରିବାର ଲୋକେ ତାଙ୍କୁ ପ୍ରଥମେ କୋଦଳା ଡାକ୍ତରଖାନା ଓ ସେଠାରୁ ଅଧିକ ଚିକିତ୍ସା ଲାଗି ବ୍ରହ୍ମପୁର ବଡମେଡିକାଲକୁ ନେଇଥିଲେ । ବିନୁଙ୍କ ଶରୀରର ୯୯ ପ୍ରତିଶତ ଅଂଶ ଜଳିଯାଇଥିବାରୁ ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଏ ନେଇ ବୈଦ୍ୟନାଥପୁର ଥାନାରେ ନଂ.୬୧୬/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ଡାବା ଭଲିବଲ୍ ମହାସଂଘ କର୍ମକର୍ତ୍ତା ଚୟନ

**ବ୍ରହ୍ମପୁର ଅଫିସ,୧୨।୧୨**

ଗଞ୍ଜାମ ଜିଲାର ବିଭିନ୍ନ ଡାବା ଭଲିବଲ୍ ସଂଘର କର୍ମକର୍ତ୍ତାଙ୍କୁ ନେଇ ଜିଲା ଡାବା ଭଲିବଲ୍ ମହାସଂଘ ଗଠନ ହୋଇଛି । ଏହି ନୂତନ ମହାସଂଘର କର୍ମକର୍ତ୍ତା ଚୟନ କରାଯାଇଛି। ଏ ନେଇ ଏକ ବୈଠକ ସ୍ଥାନୀୟ ରୋଭର୍ସ କ୍ଲବ ଠାରେ ଅନୁଷ୍ଠିତ ହୋଇଥିଲା। କ୍ଲବର ସଭାପତି ପ୍ରକାଶ ଚନ୍ଦ୍ର ସାହୁ ଏଥିରେ ଅଧକ୍ଷତା କରିଥିଲେ। ମହାସଂଘର ସଭାପତି ଭାବେ ହୃଷୀକେଶ ମହାପାତ୍ର, ସମ୍ପାଦକ ଚିନ୍ତାମଣି ନାୟକ, କୋଷାଧକ୍ଷ ସୁଧୀର ପାତ୍ର, ଉପସଭାପତି ବାବା ପ୍ରସାଦ ତ୍ରିପାଠୀ, ଯୁଗ୍ମ ସମ୍ପାଦକ ରବୀନ୍ଦ୍ର ସାହୁଙ୍କ ସହ ୩୧ଜଣ କର୍ମକର୍ତ୍ତାଙ୍କୁ ମନୋନୀତ କରାଯାଇଥିଲା । ଜିଲାରେ ୫୦ବର୍ଷରୁ ଊର୍ଦ୍ଧ୍ୱ ହେବ ଡାବା ଭଲିବଲ୍ ଖେଳାଯାଉଛି । ଅଥଚ ଏହାକୁ ଅଲିମ୍ପିକ୍‌ରେ ମାନ୍ୟତା ମିଳିନାହିଁ । ଆଗାମୀ ଦିନରେ ଏଥିପାଇଁ ଉଦ୍ୟମ କରିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ବ୍ରହ୍ମପୁର ରୋଭର୍ସ କ୍ଲବ, କାର୍ଗିଲ୍ କ୍ଲବ, ମହାବୀର କ୍ଲବ, ହରିଡ଼ାଖଣ୍ଡି, ବାଲୁଙ୍କେଶ୍ୱର କ୍ଲବ, ଲାଞ୍ଜିପଲ୍ଲୀ, ମା' କାଳୁଆ, କୁଲାଡ଼, ଭଞ୍ଜନଗର, ସୋରଡ଼ା, ଦିଗପହଣ୍ଡି, ଖମ୍ବାରୀଗାଁ, ଚିକିଟି, ଛତ୍ରପୁର, ଆସିକା, ବେଗୁନିଆପଡ଼ା, ବୁଗୁଡ଼ା ଏବଂ ଗୋଳାବନ୍ଧ ସହ ବିଭିନ୍ନ ଅଞ୍ଚଳ ଏବଂ କ୍ଲବର ଖେଳାଳିମାନେ ଉପସ୍ଥିତ ଥିଲେ ।




ବୈଠକରେ ଉପସ୍ଥିତ ମହାସଂଘର କର୍ମକର୍ତ୍ତାମାନେ ।

## ବଳାତ୍କାର ପୀଡ଼ିତାଙ୍କୁ କ୍ଷତିପୂରଣ ପ୍ରଦାନ

**ବ୍ରହ୍ମପୁର ଅଫିସ,୧୨।୧୨:** ପୃଥକ୍ ବଳାତ୍କାର ଘଟଣାର ଶିକାର ହୋଇଥିବା ୫ ନାବାଳିକାଙ୍କୁ ଗଞ୍ଜାମ ଜିଲା ଆଇନ ସେବା ପ୍ରାଧିକରଣ କମିଟି (ଡିଏଲଏସଏ) ଦ୍ୱାରା ଓଡିଶା ପୀଡିତା କ୍ଷତିପୂରଣ ଅଧିନିୟମ ଅନୁଯାୟୀ ମୋଟ ୭ ଲକ୍ଷ ୫୦ ହଜାର ଟଙ୍କାର ଅନ୍ତରୀଣ କ୍ଷତିପୂରଣ ଅର୍ଥ ରାଶି ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ପ୍ରାଧିକରଣ ସଚିବ ବିଜୟ କୁମାର ଦାସ ସମସ୍ତ ପୀଡିତାଙ୍କୁ ଦେଢ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରିଛି। ସେମାନେ ସାବାଳିକା ହେବା ପର୍ଯ୍ୟନ୍ତ ବ୍ୟାଙ୍କ୍ ଆକାଉଣ୍ଟରେ ଉକ୍ତ ଟଙ୍କା ରଖିବା ପାଇଁ ସେମାନଙ୍କ ପରିବାରବର୍ଗଙ୍କୁ ଆଦେଶ ଦେଇଛନ୍ତି ।

## ■ ଅଘୋଷିତ ବିଦ୍ୟୁତ୍ କାଟର ପ୍ରତିବାଦ

# ସାଉଥ୍‌କୋ ଅଫିସ ଆଗରେ ସିପିଏମ୍‌ର ବିକ୍ଷୋଭ

**ବ୍ରହ୍ମପୁର ଅଫିସ,୧୨।୧୨**

ଦକ୍ଷିଣାଞ୍ଚଳ ବିଦ୍ୟୁତ ପରିବଣ୍ଟନ ସଂସ୍ଥା ସାଉଥକୋର ବ୍ରହ୍ମପୁରସ୍ଥ ମୁଖ୍ୟାଳୟ ଆଗରେ ବୁଧବାର ସିପିଏମ ଆଞ୍ଚଳିକ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରେଶମନଗରୀ ସମେତ ବିଭିନ୍ନ ସ୍ଥାନରେ କିଛିଦିନ ହେବ ହେଉଥିବା ଅଘୋଷିତ ବିଦ୍ୟୁତ କାଟ ପ୍ରତିବାଦରେ ଏହି ଆନ୍ଦୋଳନ ହୋଇଥିଲା । ବାମପନ୍ଥୀ କର୍ମୀମାନେ ଲାଲ ପତାକା ଧରି ଆନ୍ଦୋଳନରେ ସାମିଲ ହୋଇଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ସାଉଥ-କୋ ଅଫିସର ଓ କର୍ମଚାରୀମାନେ ପଦାକୁ ଆସି ପାରି ନଥିଲେ । ଆଞ୍ଚଳିକ କମିଟି ସମ୍ପାଦକ ଯୁଧିଷ୍ଠିର ବେହେରା ନେତୃତ୍ୱ ନେଇଥିଲେ। ବସନ୍ତ ନନ୍ଦ, ପ୍ରତାପ ଚୌଧୁରୀ, ଶିବ ପ୍ରସାଦ ମହାପାତ୍ର, ପଞ୍ଚାନନ ଜେନା, ବାବୁଲା ନାୟକ, କେ.ସି. ମିଶ୍ର, ମାଧବ କୋଠିଆ, ହରି ନାହାକ, ବିଦ୍ୟାଧର ଜେନା, ଲୋକନାଥ ରଥ ପ୍ରମୁଖ ସାମିଲ ହୋଇଥିଲେ । ଆନ୍ଦୋଳନସ୍ଥଳରେ ଆୟୋଜିତ ପ୍ରତିବାଦ ସଭାରେ ସାଉଥ-କୋ ଅଧିକାରୀମାନଙ୍କ ପରିଚାଳନାଗତ ଅପାରଗତାରୁ ଶୀତ ଋତୁରେ ମଧ ଦୈନିକ ଦୁଇଘଣ୍ଟା ଅଘୋଷିତ ବିଜୁଳି କାଟ ହେଉଥିବା ସମାଲୋଚନା କରାଯାଇଥିଲା। ଏହାଦ୍ୱାରା ଜଳଯୋଗାଣ ବାଧାପ୍ରାପ୍ତ ହେଉଥିବା ଏବଂ ସନ୍ଧ୍ୟାରେ ବିଦ୍ୟୁତ କାଟ ଯୋଗୁଁ ପିଲାଙ୍କ ପାଠପଢ଼ା ବ୍ୟାହତ ହେଉଥିବା ନେତାମାନେ ଅଭିଯୋଗ କରିଥିଲେ। ରାଜ୍ୟରେ ବିଜୁଳି ଉତ୍ପାଦନ ଯୋଗୁଁ ବଳକା ରହୁଥିବା ସରକାର କହୁଥିବା ବେଳେ ଏବେ ବ୍ରହ୍ମପୁର ସମେତ ଗଞ୍ଜାମ ଜିଲାରେ ବିଦ୍ୟୁତ କାଟ ନିୟମିତ ହୋଇଯାଇଛି । ଏହା ବନ୍ଦ ପାଇଁ ଦାବି କରାଯାଇଛି । ନଚେତ୍ ଗ୍ରାହକଙ୍କୁ ମେଳି କରି ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସିପିଏମ ଚେତାବନୀ ଦେଇଛି ।




ସାଉଥ-କୋ ଆଗରେ ସିପିଏମ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ■ କ୍ଷେତ୍ରପ୍ରଚାର ବିଭାଗର ସଚେତନତା କାର୍ଯ୍ୟକ୍ରମ

# ସଚେତନ ହେଲେ ବର୍ଷକରେ ସ୍ୱଚ୍ଛ ହେବ ଭାରତ

**ବ୍ରହ୍ମପୁର ଅଫିସ,୧୨।୧୨**

ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କ୍ଷେତ୍ରପ୍ରଚାର କାର୍ଯ୍ୟାଳୟ, ବ୍ରହ୍ମପୁର ଶାଖା ପକ୍ଷରୁ କୁଇନ୍ ଅଫ ଦି ମିଶନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ୱଚ୍ଛ ଭାରତ ସହରାଞ୍ଚଳ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ବାହ୍ନରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପରେ ସ୍କୁଲ ପରିସରରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମକୁ ବ୍ରହ୍ମପୁର ଆକାଶବାଣୀ କେନ୍ଦ୍ରର ନିର୍ଦ୍ଦେଶକ ହୃଷୀକେଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ପ୍ରତ୍ୟେକ ବ୍ୟକ୍ତି ନିଜ ପାର୍ଶ୍ୱ ପରିବେଶ ସ୍ୱଚ୍ଛ ରଖିବା ଦିଗରେ ଯତ୍ନବାନ ହେଲେ ଗୋଟିଏ ବର୍ଷରେ ଦେଶ ସ୍ୱଚ୍ଛ ଓ ସୁନ୍ଦର ହୋଇପାରିବ ବୋଲି ସେ କହିଥିଲେ। ସ୍ୱାଧୀନତା ପୂର୍ବରୁ ସ୍ୱଚ୍ଛତା ପାଇଁ ଭାରତ ବର୍ଷରେ ବ୍ରହ୍ମପୁର ସହର ୨ଥର ପୁରସ୍କୃତ ହୋଇଥିଲା। ତେଣୁ ଏହାକୁ ପୁଣି ଦେଶର ଶ୍ରେଷ୍ଠ ଓ ସ୍ୱଚ୍ଛ ସହରରେ ପରିଣତ କରିବାକୁ ସମସ୍ତେ ସଙ୍କଳ୍ପ ନେବାକୁ ମୁଖ୍ୟଅତିଥି ପାଣିଗ୍ରାହୀ ଆହ୍ୱାନ ଦେଇଥିଲେ।



ଉପସ୍ଥିତ ଛାତ୍ର ଓ ଅନ୍ୟମାନେ।

କ୍ଷେତ୍ରପ୍ରଚାର ଅଧିକାରୀ ମନମୋହନ ପାଢୀ କାର୍ଯ୍ୟକ୍ରମରେ ଅଧକ୍ଷତା କରି ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ବିଏମସିର ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରକାଶ ଚନ୍ଦ୍ର ମହାପାତ୍ର ବିଶେଷଜ୍ଞ ଭାବେ ଯୋଗଦେଇ ସହରରେ ସ୍ୱଚ୍ଛତା ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଓ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ । ବାରାକ୍ସ ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ଦାଶ ଅନ୍ୟତମ ବକ୍ତାଭାବେ ଉପସ୍ଥିତ ଥିଲେ । ପୂର୍ବରୁ ଅନୁଷ୍ଠିତ ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଏଥିରେ ପୁରସ୍କୃତ କରାଯାଇଥିଲା । ଓଡିଶୀ ନୃତ୍ୟାୟନର କଳାକାରମାନେ ଗୀତିନାଟ୍ୟ ମାଧ୍ୟମରେ ସ୍ୱଚ୍ଛତା ଉପରେ ସଚେତନତା ବାର୍ତ୍ତା ଦେଇଥିଲେ । କ୍ଷେତ୍ରପ୍ରଚାର କାର୍ଯ୍ୟାଳୟର ଭି.ଏସ ଫନିକୁମାର, ପ୍ରମୋଦ ସାବତଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ସଂକ୍ଷେପରେ

### ମଜୁରି ବୃଦ୍ଧି ଦାବିରେ ଧାରଣା

**ଛତ୍ରପୁର,୧୨।୧୨(ଡି.ଏନ.ଏ):** ଗୋପାଳପୁର ପୋର୍ଟରେ ଠିକା ସଂସ୍ଥା ଜରିଆରେ କାମ କରୁଥିବା ଶ୍ରମିକମାନେ ଦୈନିକ ମଜୁରି ବୃଦ୍ଧି ଦାବି ନେଇ ବୁଧବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ପୋର୍ଟ ସମ୍ମୁଖ ରାସ୍ତା ଉପରେ ଧାରଣା ଚାଲିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହା ଚାଲିବ ବୋଲି କୁହାଯାଇଛି। ଏହି ଶ୍ରମିକମାନେ ଦୈନିକ ୨୬୪ ଟଙ୍କା ଦରମା ପାଉଛନ୍ତି। ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଦୈନିକ ୩୭୦ ଟଙ୍କା ମଜୁରି ଦେବାକୁ ଶ୍ରମିକମାନଙ୍କ ପକ୍ଷରୁ ସଂସ୍ଥା କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ହୋଇଥିଲା । ଦାବି ପୂରଣ ନେଇ ପଦକ୍ଷେପ ନିଆଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଥିଲା । ହେଲେ ମାସକ ପରେ ବି ଦାବି ପୂରଣ ନ ହେବାରୁ ଶ୍ରମିକମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି।

### ପ୍ଲେ ଫର ହକି ପାଇଁ ଭଲିବଲ ଟୁର୍ନାମେଣ୍ଟ

**ଆର.ଉଦୟଗିରି,୧୨।୧୨(ଡି.ଏନ.ଏ.):** ପ୍ଲେ ଫର ହକି ପ୍ରୋତ୍ସାହନ ପାଇଁ ସୋମବାର, ମଙ୍ଗଳବାର ୨ଦିନ ଧରି ସ୍ଥାନୀୟ ଶିବ ମନ୍ଦିର ପରିସରରେ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା । ପଞ୍ଚାୟତର ସମିତି କର୍ମକର୍ତ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ୧୭ଟି ପଞ୍ଚାୟତର ୨୦ଟି ଟିମ୍ ଭାଗ ନେଇଥିଲେ । ସୋମବାର ଖେଳକୁ ସମିତି ଉପାଧ୍ୟକ୍ଷ ନବୀନ ରଇତ ଉଦ୍‌ଘାଟନ କରିଥିଲେ । ମଙ୍ଗଳବାର ଫାଇନାଲରେ ରାମଗିରି ଗ୍ରାମ ଚାମ୍ପିୟନ ହୋଇଥିବା ବେଳେ ଛେଲିଗଡ଼ ରନର୍ସଅପ୍ ହୋଇଥିଲା । ଶ୍ରେଷ୍ଠ କ୍ରୀଡ଼ା ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଏ ନେଇ ବ୍ଲକ ଟିମ୍ ଜିଲାରେ ହେବାକୁ ଥିବା ଭଲିବଲ ପ୍ରତିଯୋଗିତାରେ ଭାଗ ନେବେ । ମଙ୍ଗଳବାର କୃତୀ ଖେଳାଳିଙ୍କୁ ବିଡିଓ ପ୍ରଦୀପ କୁମାର ନାୟକ ଟ୍ରଫି ପ୍ରଦାନ କରିଥିଲେ । ୯ ଜଣ କ୍ରୀଡ଼ା ଶିକ୍ଷକ ପରିଚାଳନା କରିଥିବା ବେଳେ ବିଜୁ ଯୁବ ବାହିନୀର କର୍ମକର୍ତ୍ତା ସହଯୋଗ କରିଥିଲେ ।

### ତିତ୍‌ଲି କ୍ଷତିପୂରଣ ମିଳିବାରେ ବିଳମ୍ବ ଅଭିଯୋଗ



**ବେଗୁନିଆପଡ଼ା,୧୨।୧୨(ଡି.ଏନ.ଏ.)-** ତିତ୍‌ଲିରେ ସରକାରଙ୍କ ପକ୍ଷରୁ ଆସିଥିବା କ୍ଷତିପୂରଣ ମିଳିବାରେ ବିଳମ୍ବନେଇ ମଙ୍ଗଳବାର ଖଣ୍ଡିଆନଇ ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ବେଗୁନିଆପଡ଼ା ବ୍ଲକରେ ଅଭିଯୋଗ କରିଛନ୍ତି। ଏ ନେଇ ଅଭିଯୋଗକାରୀମାନେ ବ୍ଲକ କାର୍ଯ୍ୟାଳୟକୁ ଆସି ବିଡିଓ ଅରୁଣ କୁମାର ମଲିକ ଅନୁପସ୍ଥିତ ଥିବାରୁ ମୁଖ୍ୟ କିରାଣି ପ୍ରଦୀପ ବେହେରାଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଥିଲେ। କିଛି ଲୋକଙ୍କ ଆକାଉଣ୍ଟ ନମ୍ବର ଭୁଲ କିମ୍ବା ଆଧାର ଲିଙ୍କ୍ ଏପରିକି ଆକାଉଣ୍ଟ ଦୀର୍ଘଦିନ ହେଲା ଅଚଳ ହୋଇଥିବାରୁ ସେମାନଙ୍କ ଆକାଉଣ୍ଟକୁ ଟଙ୍କା ଯାଇପାରିନଥିବା ବେହେରା କହିଥିଲେ। ଅଭିଯୋଗ ଆସିଲେ ଶୀଘ୍ର ତଦନ୍ତ କରି ସମସ୍ତଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ। ଏହି ଅର୍ଥ ପରିବାରର ଜଣଙ୍କ ଆକାଉଣ୍ଟରେ ପ୍ରଦାନ କରାଯିବା ବ୍ୟବସ୍ଥା କରାଯାଇଛି ।

### ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ



**ବୁଗୁଡ଼ା,୧୨।୧୨(ଡି.ଏନ.ଏ.):** ବୁଗୁଡ଼ା ବ୍ଲକ ବାଲିପଦର ଡିଗ୍ରୀ କଲେଜରେ ବୁଧବାର ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଅଧାପକ ଗୋପୀନାଥ ମହାନ୍ତିଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଯାଇଛି । ଏହାକୁ ମୁଖ୍ୟ ଅତିଥି ଭାବେ ସମାଜସେବୀ ଖଲି ପରିଡ଼ା ଉଦ୍‌ଘାଟନ କରିଥିଲେ। ଅଧାପକ ଅମିୟ କୁମାର ସ୍ୱାଇଁ, ଡ. ଜିତେଶ ରାଓ ଦୋରା, ପ୍ରେମାନନ୍ଦ ପ୍ରଧାନ, ସଲିଲା ନାୟକ, ଏ. ଶିବାନୀ ଆଚାରୀ, କୃଷ୍ଣଚନ୍ଦ୍ର ନାୟକ, ସୀମାଞ୍ଚଳ ଗୌଡ଼ ପ୍ରମୁଖ ଯୋଗଦେଇ ଛାତ୍ରୀଙ୍କୁ ଆତ୍ମ ସୁରକ୍ଷା କୌଶଳ ବିଷୟରେ ସଚେତନ ହେବା ଆବଶ୍ୟକତା ବୋଲି କହିଥିଲେ । କାର୍ଯ୍ୟକ୍ରମକୁ ଅଧାପିକା ମିନତି ଆଚାରୀ ସଂଯୋଜନା କରିଥିବାବେଳେ ଅଧାପକ ଅମିୟ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ । ଶିବିରରେ ଶତାଧିକ ଛାତ୍ରୀ ତାଲିମ ନେଇଥିଲେ ।

■ ଦ୍ୱିତୀୟ ଶୀତ ଉତ୍ସବର ଚତୁର୍ଥ ସନ୍ଧ୍ୟା

# 'କନ୍ଧମାଳର ଡମ୍ ଭାଷା, ଲୋକସଂସ୍କୃତି, ଏକ ଆକଳନ' ଆଲୋଚନା

**ଦାରିଙ୍ଗବାଡି,୧୨।୧୨ (ଡି.ଏନ.ଏ)**

ଦାରିଙ୍ଗବାଡିର ଦ୍ୱିତୀୟ ଶୀତ ଉତ୍ସବ ଓ ପୁସ୍ତକ ମେଳାର ବୁଧବାର ଥିଲା ଚତୁର୍ଥ ସନ୍ଧ୍ୟା । ଓଡିଶା ରାଜ୍ୟ ପରିବହନ ନିଗମ ପ୍ରଶାସକ ତଥା ମୁଖ୍ୟ ହିସାବ ଅଧିକାରୀ ଡ.କ୍ଷେତ୍ରବାସୀ ମାନସେଠ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶୀତ ଉତ୍ସବ ଓ ପୁସ୍ତକ ମେଳା ଆୟୋଜନ କମିଟିର ସମ୍ପାଦକ ବିଦେଶୀ ନାୟକ ଅଧ୍ୟକ୍ଷତା କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ଖୋର୍ଦ୍ଧା ଜିଲା ବାଣପୁରର ଗୋଷ୍ଠି ଉନ୍ନୟନ ଅଧିକାରୀ ତଥା କବି ପୃଥ୍ୱୀରାଜ ମଣ୍ଡଳ, ଅତିଥି ଭାବେ ଦାରିଙ୍ଗବାଡି ତହସିଲଦାର ନୀତିଶ ତ୍ରିପାଠୀ, ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜ ଡାକ୍ତର ସୁମନ୍ତ ପଣ୍ଡା, ମାଲକାନାଗିରି କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ମଧୁସୁଦନ ମହାପାତ୍ର, ପୁରୀ ଜିଲା ଏଏସସି କଲେଜର ପୂର୍ବତନ ଏଚ୍‌ଓଡି ତଥା ବିଶିଷ୍ଟ ସାହିତ୍ୟିକ ଡ. ଦୁର୍ଗାମାଧବ ନନ୍ଦ, ଦାରିଙ୍ଗବାଡି ଶିକ୍ଷକ ସଂଘ ସଭାପତି ଯାମିନୀ କାନ୍ତ ପତ୍ରା, ଅନ୍ତରଙ୍ଗ ଯୁବ ମହାସଂଘର ସଂଯୋଜକ ଧନେଶ୍ୱର ସାହୁ, ସିଆରସିସି ଶ୍ୟାମସୁନ୍ଦର ଦିଗାଳ, ପ୍ରଶାନ୍ତ କୁମାର ସାହୁ, ଶିବ ପ୍ରସାଦ ଦିଗାଳ, ନାରୀ ସମାଜସେବୀ ବିଳାସିନୀ ନାୟକ ପ୍ରମୁଖ ଯୋଗଦେଇଥିଲେ। ସମସ୍ତ ଅତିଥିଙ୍କୁ ଅଙ୍ଗବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ 'କନ୍ଧମାଳର ଡମ୍ ଭାଷା ଓ ଲୋକ ସଂସ୍କୃତି ଏକ ଆକଳନ' ପ୍ରସଙ୍ଗରେ ଅତିଥି ମାନେ ଆଲୋଚନା କରିଥିଲେ। କନ୍ଧମାଳରେ କନ୍ଧ ସମ୍ପ୍ରଦାୟର କୁଇ ଭାଷା ପ୍ରାଥମିକତା ଜିଲାରେ ରହିଥିବା ବେଳେ ଡମ୍ ଭାଷା ଦ୍ୱିତୀୟ ବ୍ୟବହାର ଭାବେ ରହିଛି। ଏହି ଭାଷାକୁ ଦଳିତ ସମ୍ପ୍ରଦାୟ ବହୁଳ ମାତ୍ରାରେ ବ୍ୟବହାର କରୁଥିବା କୁହାଯାଇଥିଲା। ଡମ୍ ଭାଷାର କହିବା ଢ଼ଙ୍ଗ ଅତି ସୁନ୍ଦର ଓ ମାଧୁର୍ଯ୍ୟ ବୋଲି ଅତିଥିମାନେ କହିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଞ୍ଜନଗରର ବିଶ୍ୱଜନନୀ କଳାପରିଷଦ ପକ୍ଷରୁ ବିଭିନ୍ନ ନୃତ୍ୟ, ସଙ୍ଗିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ନୃତ୍ୟ ଗୁରୁ ପ୍ରିୟଙ୍କା ସାହୁଙ୍କ ଦଳ ଦ୍ୱାରା ସମ୍ବଲପୁରୀ, ଓଡିଶୀ, ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ମହିଳା ମାନଙ୍କୁ ନେଇ ମ୍ୟୁଜିକ ଚେୟାର, ଛୋଟି, ମିଠା, ଖିରୀ ପ୍ରସ୍ତୁତି ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ସଞ୍ଜୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ। କମିଟିର ସଭାପତି ରମେଶ ଚନ୍ଦ୍ର ସାହୁଙ୍କ ସମେତ ଉପସଭାପତି ପତିତପାବନ ରାଉତ, ସନ୍ତୋଷ କୁମାର ସାହୁ, ଜାଗୃତି କୈଳାଶ ଚନ୍ଦ୍ର ଦଣ୍ଡପାଟ, ଉମେଶ କର, ରଞ୍ଜିତ ମିଶ୍ର, ସଂଗ୍ରାମ ନାୟକ, ପ୍ରଦୀପ ସାହୁ, ହରେନ ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।



ବୈଠକରେ ଉପସ୍ଥିତ ଉପଜିଲାପାଳ ଏବଂ ଅନ୍ୟମାନେ ।

## ସିପିଆଇଏମ୍ ପକ୍ଷରୁ ତହସିଲ ଅଫିସ ଘେରାଉ

**ଆର.ଉଦୟଗିରି,୧୨।୧୨(ଡି.ଏନ.ଏ.)**

ଆର.ଉଦୟଗିରି, ମୋହନା କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ବିଭିନ୍ନ ସମସ୍ୟାର ପ୍ରତିକାର ନେଇ ନୂଆଗଡ଼ ତହସିଲ ମଙ୍ଗଳବାର ଘେରାଉ କରିଥିଲେ । ନୂଆଗଡ଼ ପ୍ରାଣୀ ଚିକିତ୍ସାଳୟରୁ ଏକ ଶୋଭାଯାତ୍ରା ବାହାରି ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ସିପିଆଇଏମ୍ ଜିଲା ସମ୍ପାଦକ ଦଣ୍ଡପାଣି ରଇତ ସରକାର ଜମି ଦଖଲ କରି ପଟ୍ଟା ପାଇନଥିବା କାଜୁ, ଆମ୍ବ ଚାଷୀଙ୍କୁ କ୍ଷତିପୂରଣ, କୃଷିଋଣ ଛାଡ଼ କରିବା, ଘରଭଙ୍ଗା ସହାୟତା ଯୋଗାଇବା ଆଦି ଦାବି କରିଥିଲେ । ଏ ନେଇ ତହସିଲଦାର ପ୍ରଫୁଲ୍ଲ କୁମାର କୁଦୁମୁଙ୍କୁ ଏକ ୧୩ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା । କୁଦୁମୁ ତୁରନ୍ତ ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ । ଆନ୍ଦୋଳନରେ ମୋହନା, ଆର.ଉଦୟଗିରି ଆଞ୍ଚଳିକ କମିଟିର ପୂର୍ବତନ ସମ୍ପାଦକ ଗୋପାଳ ଦଳ ବେହେରା ସମେତ ଅଞ୍ଚଳର ବହୁ ଗ୍ରାମବାସୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଆର.ଉଦୟଗିରି, ମୋହନା ଆଞ୍ଚଳିକ କମିଟିର ସଭ୍ୟ ସୁଦାମ ମଣ୍ଡଳ ସଭାପତିତ୍ୱ କରିଥିଲେ।



ବୈଠକରେ ଉପସ୍ଥିତ ଉପଜିଲାପାଳ ଏବଂ ଅନ୍ୟମାନେ ।

## ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର

**ଆସିକା,୧୨।୧୨(ଡି.ଏନ୍.ଏ.)**

ଆସିକା ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ବୁଧବାର ଆତ୍ମ ସୁରକ୍ଷା ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ସନ୍ତୋଷ କୁମାର ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଆସିକା ବିଧାୟକ ଦେବରାଜ ମହାନ୍ତି ମୁଖ୍ୟ ଅତିଥି ଏବଂ ଲମ୍ବୋଦର ପାଣିଗ୍ରାହୀ ମୁଖ୍ୟ ବକ୍ତା ଓ ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ କେ. ଓମ୍ ନାରାୟଣ ରାଓ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଆତ୍ମ ସୁରକ୍ଷା କାର୍ଯ୍ୟକ୍ରମ ସଂଯୋଜିକା ଅଧାପିକା ଡ. ସ୍ମିତାରାଣୀ ପଣ୍ଡା, ସସ୍ମିତା କୁମାରୀ ପାତ୍ର, ସେଲ୍ କୁମାରୀ ଝା ପ୍ରମୁଖ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ମାଷ୍ଟର ଟ୍ରେନର୍ ରାଜେଶ୍ୱରୀ, ସଙ୍ଗୀତା, ଶିବାନୀ, ଛାତ୍ରୀ ଆତ୍ମ ସୁରକ୍ଷାର ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ଣ୍ଣର


@ ବନ୍ଦିତା


@ ପ୍ରବୀଣ

| | |
|---|---|
| ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ) |

## ଗୋଷ୍ଠୀଗତ ଜଙ୍ଗଲ ପରିଚାଳନା କର୍ମଶାଳା

**ଫିରିଙ୍ଗିଆ,୧୨।୧୨**

ଫିରିଙ୍ଗିଆ ବ୍ଲକ ପବିଙ୍ଗିଆ ମହିଳା ବିକାଶ ତାଲିମ୍ ଗୃହରେ ଗୋଷ୍ଠୀଗତ ଜଙ୍ଗଲ ସମ୍ବଳ ପରିଚାଳନା ଯୋଜନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଷ୍ଠୀଗତ ଜଙ୍ଗଲ ପରିଚାଳନା କ'ଣ, ଏବେ କେଉଁ ଅସୁବିଧା ଦେଖା ଦେଇଛି, ସେଗୁଡିକର ସମାଧାନ କିପରି ହେବ ସେ ନେଇ ଆଲୋଚନା କରାଯାଇଥିଲା। ଗୋଷ୍ଠୀଗତ ଜଙ୍ଗଲ ପରିଚାଳନା ନିୟମକୁ ବନ ବିଭାଗ ମାନୁ ନାହିଁ, ସେପଟେ ବନ ସୁରକ୍ଷା ସମିତି ଗଠନ କରାଯାଇ ଗୋଷ୍ଠୀଗତ ଜଙ୍ଗଲ ପରିଚାଳନା ନିୟମକୁ ଅଣଦେଖା କରାଯିବା ସହ ଗ୍ରାମ ଲୋକଙ୍କ ମଧ୍ୟରେ ଫାଟ ସୃଷ୍ଟି କରାଯାଉଛି। ଆଇନରେ ମଧ୍ୟ ସ୍ପଷ୍ଟ ଭାବରେ ଗୋଷ୍ଠୀଗତ ଅଧିକାରକୁ ଗୁରୁତ୍ୱ ଦିଆଯାଇଛି ବୋଲି କର୍ମଶାଳାରେ ଅବଗତ କରାଯାଇଥିଲା । ଜନ ବିକାଶ ପକ୍ଷରୁ ଅନୁଷ୍ଠିତ ଏହି କର୍ମଶାଳାରେ କୋଅର୍ଡିନେଟର ଛୋଟରାୟ ଦିଗାଳ, ପ୍ରକଳ୍ପ ମ୍ୟାନେଜର ବିଜୟ କୁମାର ବେହେରା, ରଞ୍ଜନ କୁମାର ପ୍ରଧାନ, କର୍ଣ୍ଣେଶ୍ୱର ବେହେରା ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ତାଲିମଦାତା ଭାବେ ଜିତେନ୍ଦ୍ର କୁମାର ସାହୁ ଉପସ୍ଥିତ ଥିଲେ। ପବିଙ୍ଗିଆ, ରତଙ୍ଗ, ଫିରିଙ୍ଗିଆ, ତଲଦଣ୍ଡିକିଆ, ସାଙ୍ଗିଗିଆ, ଡିମ୍ବିରିଗୁଡା ଗ୍ରାମବାସୀ ଯୋଗ ଦେଇଥିଲେ।

## ବ୍ଲକସ୍ତରୀୟ ନିଯୁକ୍ତି ମେଳା

**ଆର.ଉଦୟଗିରି,୧୨।୧୨(ଡି.ଏନ.ଏ.)**

ଆର.ଉଦୟଗିରି ପରିସରରେ ମଙ୍ଗଳବାର କେନ୍ଦ୍ର ଓ ରାଜ୍ୟ ସରକାର, ଅରୋମାସ୍ ଏବଂ ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ୍ୟ ଯୋଜନା ଆନୁକୂଲ୍ୟରେ ବ୍ଲକସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆର.ଉଦୟଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ବ୍ଲକ ଅଧ୍ୟକ୍ଷା ଅନିତା ମଣ୍ଡଳ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଓରୋମାସ୍‌ର ସମସ୍ତ କର୍ମଚାରୀ ଓ ପଞ୍ଚାୟତ ସିଆରସିସିମାନେ ଉପସ୍ଥିତ ଥିଲେ। ଶିକ୍ଷିତ ବେକାର ଯୁବତୀ ଯୁବକମାନଙ୍କୁ କିଭଳି ଏହି କାର୍ଯ୍ୟକ୍ରମ ମାଧ୍ୟମରେ ରୋଜଗାର ଯୋଗାଇ ଦିଆଯିବ ସେନେଇ ଅତିଥି ବୁଝାଇଥିଲେ। ଏହି ଅବସରରେ ୫୨ ଜଣ ଯୁବତୀ ଯୁବକଙ୍କୁ ପ୍ରଶିକ୍ଷଣ ପାଇଁ ଭୁବନେଶ୍ୱର ପଠାଯାଇଥିବା ସୂଚନା ମିଳିଛି। କାର୍ଯ୍ୟକ୍ରମରେ ବହୁ ଯୁବତୀ, ଯୁବକ ଅଂଶଗ୍ରହଣ କରିଥିଲେ।

## ପିଠା କାର୍ଯ୍ୟକ୍ରମ ନେଇ କର୍ମଶାଳା

**ଶେରଗଡ,୧୨।୧୨(ଡି.ଏନ.ଏ.)**

ଶେରଗଡ ବ୍ଲକ ସଭାଗୃହରେ ବୁଧବାର ପିଠା କାର୍ଯ୍ୟକ୍ରମ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ବିଡିଓ ସୁରଞ୍ଜନ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ବିନାୟକ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ କର୍ମଶାଳାରେ ବ୍ଲକର ତିନୋଟି ଜୋନର ଜିଲାପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର, ପ୍ରମୋଦ କୁମାର ସାହୁ ଓ ଗୋପାଳ ଚରଣ ପଟ୍ଟନାୟକ ଯୋଗଦେଇ ପିଠା ଯୋଜନା ଉପରେ ଆଲୋକପାତ କରିଥିଲେ। ପ୍ରଥମେ ସରକାରଙ୍କ ସମସ୍ତ ଯୋଜନା ଉପସ୍ଥିତ ସମସ୍ତ ସରପଞ୍ଚ, ସମିତିସଭ୍ୟମାନେ ନିଜ ପଞ୍ଚାୟତର ଗ୍ରାମ ମାନଙ୍କରେ କାର୍ଯ୍ୟକାରୀ ହେଉଛି କି ନାଁ, ତାର ସଫଳତା ଓ ଲୋକମାନଙ୍କ ମତ ଉପରେ ପ୍ରାଧାନ୍ୟ ଦେବା ଆବଶ୍ୟକ। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଉନ୍ନୟନ, ମହିଳାବିକାଶ, ଦାରିଦ୍ର୍ୟ ଦୂରିକରଣ ଆଦି ସମ୍ପର୍କରେ ସରକାରଙ୍କ କି ଯୋଜନା ଅଛି ତାକୁ ଘରେ ଘରେ ପହଞ୍ଚାଇବା ପିଠାର ମୁଖ୍ୟ ଲକ୍ଷ୍ୟ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ସରପଞ୍ଚ, ସମିତିସଭ୍ୟ, ଗ୍ରାମସେବକ ଓ ସମସ୍ତ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ହୀନ ବେହେରା ପ୍ରମୁଖ ଯୋଗ ଦେଇଥିଲେ।



କର୍ମଶାଳାରେ ଉପସ୍ଥିତ ବିଡିଓ ଓ ଜିଲା ପରିଷଦସଭ୍ୟ।

# ବ୍ୟାଙ୍କ କର୍ମଚାରୀଙ୍କ ଘରୁ ଡକାୟତି

**ଦିଗପହଣ୍ଡି,୧୨।୧୨(ଡି.ଏନ.ଏ.)**

ଦିଗପହଣ୍ଡି ଥାନା ସାନଡୁମ୍ବୁଳା ଗ୍ରାମରେ ବ୍ୟାଙ୍କ କର୍ମଚାରୀ ଜ୍ୟୋତିରାଜ ଦାସଙ୍କ ଘରୁ ୧୦ ଲକ୍ଷ ଟଙ୍କାର ସୁନା ଗହଣା, ରୁପା ଅଳଙ୍କାର ସମେତ ନଗଦ ୧୦ ହଜାର ଟଙ୍କା ଡକାୟତ ଗ୍ୟାଙ୍ଗ ଲୁଟି ନେଇଥିବା ଅଭିଯୋଗ ହୋଇଛି। ବୁଧବାର ଭୋରରେ ଘଟଣା ଜଣାପଡ଼ିବା ପରେ ଜ୍ୟୋତିରାଜଙ୍କ ବାପା ହୃଷିକେଶ ଦାସ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ । ଆଇଆଇସି ଦେବାଶିଷ ମହାନ୍ତି ପହଞ୍ଚି ସରଜମିନ ତଦନ୍ତ କରି ଫେରିଛନ୍ତି । ଏ ନେଇ ୨୨୧/୧୮ରେ ମାମଲା ରୁଜୁ ହୋଇଛି। ସନ୍ଧ୍ୟାରେ ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ଦ୍ୱାରା ତଦନ୍ତ କରାଯାଇଥିଲେ ମଧ୍ୟ କୌଣସି ସୁରାକ ମିଳିପାରିନାହିଁ। ମଙ୍ଗଳବାର ରାତିରେ ପରିବାର ଲୋକେ ଶୋଇଥିବା ବେଳେ ଘର ବାରିପଟ ଲୁହାଗ୍ରୀଲ ଓ ୪ଟି କବାଟ କାଟି ଲୁଟିନେଇ ଡକାୟତମାନେ ଚମ୍ପଟ ମାରିଛନ୍ତି ।


ଲୁଟ୍ ହୋଇଥିବା ଘର।

■ ୧୦ ଲକ୍ଷ ଟଙ୍କାର ସୁନା, ରୁପା ଅଳଙ୍କାର ଲୁଟ

■ ପୋଲିସ ସନ୍ଧାନୀ କୁକୁରୁ ସହ ସାଇଣ୍ଟିଫିକ ଟିମର ତଦନ୍ତ

## ଏଟିଏମ୍ ଲୁଟ୍ ଉଦ୍ୟମ ବିଫଳ

**ଚିକିଟି,୧୨।୧୨(ଡି.ଏନ.ଏ.)**

କେ.ନୂଆଗାଁ ଥାନା ଚିକିଟିଗଡ଼ରେ ଥିବା ଏଟିଏମ୍ ମେଶିନ୍ ଭାଙ୍ଗି ଟଙ୍କା ଲୁଟ୍ ଉଦ୍ୟମ କରି ମଙ୍ଗଳବାର ମଧ୍ୟରାତିରେ ଦୁର୍ବୃତ୍ତମାନେ ବିଫଳ ହୋଇଛନ୍ତି । ବୁଧବାର ସକାଳ ଖବର ପ୍ରସାରିତ ହେବା ପରେ ଚିକିଟି ଏସ୍‌ଡିପିଓ ପ୍ରକାଶ ଜେନା, କେ.ନୂଆଗାଁ ଥାନା ଅଧିକାରୀ ସୁଜିତ କୁମାର ନାୟକ, ଚିକିଟି ଫାଣ୍ଡି ଅଧିକାରୀ ବିଜୟ କୁମାର ପ୍ରଧାନ ପହଞ୍ଚି ସନ୍ଧାନି କୁକୁର ସହାୟତାରେ ତଦନ୍ତ କରି ଫେରିଥିଲେ ସୁଦ୍ଧା ଦୁର୍ବୃତ୍ତଙ୍କ ସନ୍ଧାନ ମିଳିପାରିନାହିଁ । ଏ ନେଇ ଚିକିଟି ଷ୍ଟେଟ୍‌ବ୍ୟାଙ୍କ୍‌ର ମ୍ୟାନେଜର ଶ୍ରୀନିବାସ ମିଶ୍ରଙ୍କୁ ପଚାରିବାରୁ ଏଟିଏମ୍‌ର ଲକର ଏବଂ ଭିତରେ ଥିବା ସିସି କ୍ୟାମେରା ଭାଙ୍ଗିଛନ୍ତି କିନ୍ତୁ କିଛି ଲୁଟ୍ ହୋଇନଥିବା କହିଛନ୍ତି। ଲୁଟ୍ ଉଦ୍ୟମ ଘଟଣାରେ ଅନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗ୍ ସମ୍ପୃକ୍ତ ଥିବା ନେଇ ପ୍ରାରମ୍ଭିକ ତଦନ୍ତରୁ ପୋଲିସ୍ ପକ୍ଷରୁ ସୂଚନା ମିଳିଛି ।

# ଗ୍ରାମ ରୋଜଗାର ସେବକ ସଂଘର ସମୂହ ଛୁଟି ଆବେଦନ

### ଉପଜିଲାପାଳ ଓ ପିଡ଼ିଙ୍କୁ ଦାବିପତ୍ର

**ଦାରିଙ୍ଗବାଡି/ଫୁଲବାଣୀ ଅଫିସ,୧୨।୧୨(ଡି.ଏନ.ଏ)**

କନ୍ଧମାଳ ଜିଲାରେ କାର୍ଯ୍ୟରତ ଓଡିଶା ଗ୍ରାମ ରୋଜଗାର ସେବକ ସଂଘ ପକ୍ଷରୁ ବୁଧବାର ସମୂହ ଛୁଟିରେ ଯିବା ପାଇଁ ନିଷ୍ପତି ନିଆଯାଇଛି । ସେମାନଙ୍କ ୧୩ ଦଫା ସମ୍ବଳିତ ଦାବିପତ୍ରକୁ କନ୍ଧମାଳ ଜିଲାପାଳ ଏବଂ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଦେବା ପାଇଁ ସମସ୍ତ ବ୍ଲକର ସଂଘ ସଦସ୍ୟମାନେ ଫୁଲବାଣୀରେ ପହଞ୍ଚିଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ବସନ୍ତ ସାହୁ ଏବଂ ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱନାଥ ବାରିକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମ ରୋଜଗାର ସେବକ ମାନଙ୍କୁ ସ୍ଥାୟୀ ନିଯୁକ୍ତି ସହ ଖାଲିପଡିଥିବା ପଦବୀରେ ଶତପ୍ରତିଶତ ନିଯୁକ୍ତି ପ୍ରଦାନ କରାଯିବାକୁ ଦାବି କରିଛନ୍ତି। ସରକାର ଦାବି ମାନିବା ପର୍ଯ୍ୟନ୍ତ ସାମୁହିକ ଛୁଟିରେ ଯିବାକୁ ସଂଘ ନିଷ୍ପତ୍ତି ନେଇଥିବା କହିଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାର ସଫଳ ରୂପାୟନ ପାଇଁ ପଞ୍ଚାୟତ କାର୍ଯ୍ୟାଳୟର ସମସ୍ତ ରେକର୍ଡ ରକ୍ଷଣାବେକ୍ଷଣ ସହିତ ସମସ୍ତ କାର୍ଯ୍ୟ ଯଥା ଭାବେ ଗ୍ରାମ ରୋଜଗାର ସେବକ ସମ୍ପାଦନା କରୁଛନ୍ତି। ସେହିପରି ଏହି ଯୋଜନାର ସାମାଜିକ ସମୀକ୍ଷା ରେ ପ୍ରମୁଖ ଭୂମିକା ଗ୍ରହଣ କରାଯାଉଥିବା କୁହାଯିବା ସହ ସେମାନେ ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗ ଭତ୍ତା ପ୍ରଦାନ କରୁଥିବା ଉଲ୍ଲେଖ କରିଛନ୍ତି । ସେହିପରି କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ସାମାଜିକ, ଅର୍ଥନୈତିକ ଓ ଜାତିଗତ ଗଣନା କାର୍ଯ୍ୟରେ ନିୟୋଜିତ ହୋଇ କାର୍ଯ୍ୟ ମଧ୍ୟ ଗ୍ରାମ ରୋଜଗାର ସେବକ କାମ କରୁଛନ୍ତି। ସେହିପରି ସେମାନେ ପଲ୍ଲିସଭା ଓ ଗ୍ରାମସଭା ପରିଚାଳନାରେ ସକ୍ରୀୟ ସହାୟତା ମଧ୍ୟ କରୁଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରିଲିଫ କାର୍ଯ୍ୟ, ରାଶନ କାର୍ଡ ହିତାଧିକାରୀ ଚୟନ ମଧ୍ୟ ସୂଚାରୁ ରୂପେ କରିଥିବା ଦାବି କରିଛନ୍ତି। ସରକାରଙ୍କ ପକ୍ଷରୁ ହିତାଧିକାରୀଙ୍କୁ ଆର୍ଥିକ ନେଣଦେଣକୁ କମ୍ପ୍ୟୁଟରରେ ଅନଲାଇନ ଏଣ୍ଟ୍ରି କରୁଥିବା ଉଲ୍ଲେଖ କରିଛନ୍ତି। ଦାରିଙ୍ଗବାଡିର ନଳିନୀ କୁମାର ସାହୁଙ୍କ ସମେତ ଦିଲିପ କୁମାର ସାହୁ, ପ୍ରିୟଙ୍କା ସାହୁ, ମୃତ୍ୟୁଞ୍ଜୟ ବଡସେଠ୍, ପ୍ରୀୟବ୍ରତ ସାହୁ, ଜୟନ୍ତ ପ୍ରଧାନ, ଦୁର୍ଗାଚରଣ ସାହୁଙ୍କ ସମେତ ଅନ୍ୟ ବ୍ଲକର ସଦସ୍ୟମାନେ ଉପସ୍ଥିତ ରହିଥିଲେ।

## ସଂକ୍ଷେପରେ

### ବାଇକ ଧକ୍କାରେ ଯୁବକ ମୃତ

ହିଞ୍ଜିଳିକାଟୁ, ୧୨।୧୨ (ଡ଼ି.ଏନ.ଏ.): ହିଞ୍ଜିଳି ଥାନା ରାଳବ ଗ୍ରାମ ଛକ ନିକଟରେ ବୁଧବାର ବାଇକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ସୁରେନ୍ଦ୍ର ପୃଷ୍ଟି। ଶିବ ମନ୍ଦିର ସାହିର ନିଲୁ ପୃଷ୍ଟି ଆହତ ହୋଇଛନ୍ତି। ସନ୍ଧ୍ୟାରେ ସୁରେନ୍ଦ୍ର ରାସ୍ତା କଡ଼ରେ ମଳତ୍ୟାଗ କରିବାକୁ ଆସିଥିବା ବେଳେ ନିଲୁ ବାଇକ ଯୋଗେ ହିଞ୍ଜିଳିକାଟୁରୁ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ସୁରେନ୍ଦ୍ରଙ୍କୁ ଧକ୍କା ଦେଇ ଓଲଟି ପଡ଼ିଥିଲେ । ଗ୍ରାମବାସୀ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ହିଞ୍ଜିଳିକାଟୁ ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ସୁରେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ହିଞ୍ଜିଳି ପୋଲିସ ପହଞ୍ଚି ବାଇକକୁ ଜବତ କରି ତଦନ୍ତ ଚଳାଇଛି ।

### ଆକ୍ରମଣ ମାମଲା ଅଭିଯୁକ୍ତଙ୍କୁ ୧ ବର୍ଷ ୬ ମାସ ଜେଲ

ଦିଗପହଣ୍ଡି/ପାଟପୁର,୧୨।୧୨(ଡି.ଏନ.ଏ.)- ସାନଖେମୁଣ୍ଡି କୋର୍ଟର ମାଜିଷ୍ଟ୍ରେଟ ବିଷ୍ଣୁ ପ୍ରସାଦ ଦେବତା ବୁଧବାର ଏକ ଆକ୍ରମଣ ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଅଭିଯୁକ୍ତ ଜଣକ ହେଲେ ସାହାସପୁର ଗ୍ରାମର କୃଷ୍ଣ ବେହେରା । ମାମଲା ନଂ. ୬୪/୧୧ର ସମସ୍ତ ୯ ଜଣ ସାକ୍ଷ୍ୟଙ୍କ ବୟାନକୁ ଭିତ୍ତିକରି ମାଜିଷ୍ଟ୍ରେଟ ଅଭିଯୁକ୍ତ କୃଷ୍ଣଙ୍କୁ ୧ ବର୍ଷ ୬ ମାସ ସଶ୍ରମ କାରାଦଣ୍ଡ ସହ ୫ ଶହ ଟଙ୍କା ଜରିମାନା, ଜରିମାନା ଅନାଦେୟ ଅଧିକା ୧ ମାସ ଜେଲ ଦଣ୍ଡର ରାୟ ଶୁଣାଇଛନ୍ତି । ଗତ ୨୩ ଅଗଷ୍ଟ ୨୦୧୧ରେ ସାହାସପୁର ଗ୍ରାମର ଜଣେ ମହିଳା ଉରି ବେହେରା ଓ ତାଙ୍କ ସମ୍ପର୍କୀୟ ପାଣ୍ଡ ବେହେରାଙ୍କୁ କୃଷ୍ଣ ଏକ କାଠ ବେଟରେ ମାଡ଼ ମାରିଥିଲେ । ଉରିଙ୍କ ଏତଲାକ୍ରମେ ପାଟପୁର ଥାନାରେ ମାମଲା ରୁଜୁ କରାଯାଇ ପୋଲିସ ଅଧିକାରୀ ଲୋକନାଥ ବେହେରା ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ ।

### ଆହାର କେନ୍ଦ୍ର ପାଇଁ ସ୍ଥାନ ଚିହ୍ନଟ

ଗଞ୍ଜାମ,୧୨।୧୨(ଡି.ଏନ୍.ଏ.)- ବହୁ ବାଦ ବିବାଦ ପରେ ଗଞ୍ଜାମ ସହରରେ ଆହାର କେନ୍ଦ୍ର ଖୋଲାଯିବା ପାଇଁ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଛି। ଏଥିପାଇଁ ଡ୍ରଡା ପ୍ରକଳ୍ପ ନିର୍ଦ୍ଦେଶକ ସବ୍ୟସାଚୀ ହୋତା ବୁଧବାର ଗଞ୍ଜାମ ଏନ୍ଏସି ଗସ୍ତରେ ଆସି ସ୍ଥାନ ଚିହ୍ନଟ କରି ଫେରିଛନ୍ତି। ଏନ୍ଏସି କନିଷ୍ଠ ଯନ୍ତ୍ରୀ ବିଶ୍ୱରଞ୍ଜନ ଜେନା, ସର୍ବଶିକ୍ଷା ଅଭିଯାନ ଅଧିକାରୀ ରଶ୍ମିରଞ୍ଜନ ନାୟକ, କିରାଣି ଲକ୍ଷ୍ମୀଚରଣ ପାଢ଼ୀ, ଗୋବିନ୍ଦ ଚନ୍ଦ୍ର ବାରିକ ପ୍ରମୁଖ ଗଞ୍ଜାମ ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିୟମ ପରିଦର୍ଶନ କରି ଉକ୍ତ ସ୍ଥାନକୁ ଚିହ୍ନଟ କରିଥିଲେ।

### ଜଳିଗଲା ଧାନଗଦା

ଦିଗପହଣ୍ଡି,୧୨।୧୨(ଡି.ଏନ.ଏ.)- ଦିଗପହଣ୍ଡି ବ୍ଲକ ରାଜପୁର ଗାଁର ଉର୍ମିଳା ଭୋଳଙ୍କ ବୁଧବାର ଭୋରରେ ପ୍ରାୟ ୫ ଏକର ଚାଷଜମିରୁ ଉତ୍ପାଦିତ ୪ଟି ଧାନଗଦା ଜଳିଯାଇଛି । ରାସ୍ତା ନଥିବାରୁ ଦିଗପହଣ୍ଡି ଅଗ୍ନିଶମ ବାହିନୀ ବିଳମ୍ବରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ଧାନ ଜଳିଯାଇଥିବା ଜଣାପଡ଼ିଛି ।

### ବନ କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ

ଆସିକା,୧୨।୧୨(ଡି.ଏନ୍.ଏ.)- ରାଜ୍ୟରେ ହାତୀ ମୃତ୍ୟୁ ଘଟଣାରେ ବନ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନର ପ୍ରତିବାଦ କରି ବୁଧବାର ଆସିକା ବନାଞ୍ଚଳର ବନରକ୍ଷୀ ଓ ବନପାଳମାନେ କଳାବ୍ୟାଜ୍ ପରିଧାନ କରିଥିଲେ। ଆସିକା ବନାଞ୍ଚଳ ଅନ୍ତର୍ଗତ ଆସିକା, ଶେରଗଡ, ଧରାକୋଟ ଓ ଷଡଙ୍ଗୀପଲ୍ଲୀ ସେକ୍ସନର ୧୬ଜଣ ବନରକ୍ଷୀ ଓ ୪ଜଣ ବନପାଳ ଏହି ପ୍ରତିବାଦ ଆନ୍ଦୋଳନରେ ସାମିଲ୍ ଥିବା ଜଣାଯାଇଛି।

## ୪ ଜିଲାର ନିର୍ବାଚନ ପ୍ରସ୍ତୁତି ସମୀକ୍ଷା

# ନିରପେକ୍ଷତାର ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ-ସିଇଓ

ଛତ୍ରପୁର,୧୨।୧୨(ଡି.ଏନ.ଏ)

### ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା



ବୈଠକରେ ଉପସ୍ଥିତ ସିଇଓ ଏବଂ ଅନ୍ୟମାନେ।

ଆଗାମୀ ସାଧାରଣ ନିର୍ବାଚନରେ ଦିବ୍ୟାଙ୍ଗ ଭୋଟରମାନେ ଯେଭଳି ସମ୍ମାନର ସହ ସେମାନଙ୍କର ମତ ଅଧିକାର ସାବ୍ୟସ୍ତ କରିପାରିବେ ସେଥିପାଇଁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଜିଲାସ୍ତରରେ ଭୋଟର ତାଲିକାରେ ସାମିଲ କରିବା ସହିତ ବୁଥ୍‌ଗୁଡିକରେ ଦିବ୍ୟାଙ୍ଗଙ୍କ ପାଇଁ ହୁଇଲ୍ ଚେୟାର ଓ ସହଯୋଗୀ ବ୍ୟବସ୍ଥା କରାଯିବ । ବୁଧବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ସୁରେନ୍ଦ୍ର କୁମାର ଗଞ୍ଜାମ ଜିଲା ଗସ୍ତରେ ଆସି ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ କରିଥିବା ୪ ଜିଲାର ନିର୍ବାଚନ ପ୍ରସ୍ତୁତି ସମ୍ବନ୍ଧୀୟ ସମୀକ୍ଷା ବୈଠକରୁ ଏହି ସୂଚନା ମିଳିଛି । ବୈଠକରେ ଗଞ୍ଜାମ, ଗଜପତି, ରାୟଗଡା ଓ କନ୍ଧମାଳ ଜିଲାରେ ହେବାକୁ ଥିବା ସାଧାରଣ ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା ହୋଇଥିଲା । ନିରପେକ୍ଷ ନିର୍ବାଚନ ସହ ପ୍ରତ୍ୟେକ ବ୍ୟକ୍ତି ଶୃଙ୍ଖଳାରେ ଯେଭଳି ଭୋଟ ଦେବେ ସେଥିପାଇଁ ବିହିତ ବ୍ୟବସ୍ଥା କରିବାକୁ ସିଇଓ ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନ ସହିତ ସଂଶ୍ଳିଷ୍ଟ ପ୍ରତ୍ୟେକ କର୍ମଚାରୀ ନିର୍ଭୁଲ ଭାବେ କାର୍ଯ୍ୟ ସମ୍ପାଦନ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ତ୍ରୁଟି ପାଇଁ କର୍ମଚାରୀ ବ୍ୟକ୍ତିଗତ ଭାବେ ଦାୟୀ ରହିବେ । ଜିଲାସ୍ତରରେ ନିର୍ବାଚନ ସଂକ୍ରାନ୍ତ ତଥ୍ୟ ଆଦାନ ପ୍ରଦାନ ପାଇଁ କର୍ମଚାରୀମାନଙ୍କର ହ୍ୱାଟସ୍ ଆପ୍ ଗ୍ରୁପ୍ ଗଠନ କରିବାକୁ କୁହାଯାଇଛି । ନିର୍ବାଚନରେ ସଂପୃକ୍ତ କର୍ମଚାରୀ ମାନେ ଶତ ପ୍ରତିଶତ ନିରପେକ୍ଷତା ପ୍ରଦର୍ଶନ କରିବେ। କୌଣସି କର୍ମଚାରୀ ଏହାକୁ ଉଲ୍ଲଂଘନ କଲେ ତାଙ୍କ ବିରୋଧରେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳମାନଙ୍କୁ ସିଇଓ ପରାମର୍ଶ ଦେଇଛନ୍ତି। ବୈଠକରେ ଦକ୍ଷିଣାଞ୍ଚଳ ଆରଡିସି ଟି. ଆପାଙ୍ଗ ଆଓ, ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ରାୟଗଡା ଜିଲାପାଳ ଗୁହା ପୁନମ୍ ତାପସ କୁମାର, ଗଜପତି ଜିଲାପାଳ ଅନୁପମ ଶାହା, କନ୍ଧମାଳ ଜିଲାପାଳ ଡ. ବୃନ୍ଦା ଡି, ଗଞ୍ଜାମ ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ ରାଉତରାୟ, ଛତ୍ରପୁର ଉପଜିଲାପାଳ ଦେବବ୍ରତ ସାହୁ, ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଗଞ୍ଜାମ ଜିଲା ନିର୍ବାଚନ ଅଧିକାରୀ ଡ. ବିଜୟାନନ୍ଦ ସେଠୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ପାବୁରିଆ ବନ୍ଦ



ଲୋକେ ଧାରଣାରେ ବସିଛନ୍ତି।

ରାଇକିଆ/ ଶଙ୍କରାଖୋଲ ୧୨।୧୨ (ଡ଼ି.ଏନ.ଏ.)

କନ୍ଧମାଳ ଜିଲା ଟିକାବାଲି ବ୍ଲକର ପାବୁରିଆଠାରେ ଏକ ହତ୍ୟା ଘଟଣାରେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ବୁଧବାର ପାବୁରିଆ ବଜାର ବନ୍ଦ କରାଯିବା ସହ ରାସ୍ତାରୋକୋ କରାଯାଇଥିଲା। ଫଳରେ ପାବୁରିଆ ଠାରୁ ରାଇକିଆ, ଟିକାବାଲି, ସାରଙ୍ଗଡ଼, ବାଲିଗୁଡ଼ା, ଜି. ଉଦୟଗିରିକୁ ଯାନବାହନ ଚଳାଚଳ ୮ ଘଣ୍ଟା ଧରି ଠପ୍ ହୋଇଯାଇଥିଲା। ଗତ ନଭେମ୍ବର ୭ରେ କୁଟିଗୁଡା ଗ୍ରାମର ଟୁଡୁଜିଂ ପ୍ରଧାନ କେଉଁଆଡେ ଚାଲିଯାଇଥିଲେ। ସେହିମାସ ୨୪ରେ ଟିକାବାଲି ଥାନା ଅଞ୍ଚଳରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଏନେଇ ଟକାବାଲି ଥାନାରେ ନଂ.୭/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା। ତେବେ ମୃତକଙ୍କ ପରିବାର ଏବଂ ଗ୍ରାମବାସୀ ଏହା ଏକ ହତ୍ୟାକାଣ୍ଡ ଏବଂ ଏନେଇ ତଦନ୍ତ କରିବାକୁ ଦାବି କରି ଆସୁଥିଲେ। ମାତ୍ର ସାରଙ୍ଗଡ଼ ଥାନା ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ବୁଧବାର ରାସ୍ତାରୋକୋ କରିଥିଲେ। ଜି.ଉଦୟଗିରି ଏସଡିପିଓ ଜୟକୃଷ୍ଣ ବେହେରା ସ୍ଥାନୀୟ ଲୋକଙ୍କୁ ବୁଝାଶୁଝା କରିଥିଲେ। ଏହାର ତଦନ୍ତ ଦାୟିତ୍ୱ ଟିକାବାଲି ଥାନା ଅଧିକାରୀଙ୍କୁ ଦେବା ସହ ୧୦ ଦିନ ମଧ୍ୟରେ ତଦନ୍ତ ସାରିବାକୁ ପ୍ରତିଶ୍ରୁତି ଦେବାରୁ ଲୋକ ଧାରଣାରୁ ଉଠିଥିଲେ।

## ବିଭିନ୍ନ ଦାବି ନେଇ କନ୍ଧମାଳ ପିପୁଲ୍ସ ଫୋରମର ରାଲି

ଫୁଲବାଣୀ ଅଫିସ, ୧୨।୧୨





ଫୋରମର କର୍ମକର୍ତ୍ତା ରାଲିରେ ଯାଉଛନ୍ତି।

କନ୍ଧମାଳ ପିପୁଲ୍ସ ଫୋରମ ପକ୍ଷରୁ ୩ ଦଫା ଦାବି ନେଇ ବୁଧବାର ରାଲି ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଜଗନ୍ନାଥ ମନ୍ଦିର ପାଖରୁ ଫୋରମର କର୍ମକର୍ତ୍ତାମାନେ ରାଲିରେ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଏକ ପ୍ରତିବାଦ ସଭା ହୋଇଥିଲା । ପରେ ଦାବି ସମ୍ବଳିତ ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଠାଯାଇଥିଲା ।

ଫୁଲବାଣୀ ବ୍ଲକ ନୁଆରିପଦର ସାଲୁଙ୍କି ନଦୀରେ ସ୍ଥାୟୀ ପୋଲ ନିର୍ମାଣ ଆବଶ୍ୟକତା ରହିଛି। ଉକ୍ତ ନଦୀ ଦେଇ ଆଲାମି, ଦଡକି, ଦୁଡୁକି, କଟ୍ରିଙ୍ଗିଆ ଆଦି ୪ ପଞ୍ଚାୟତର ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଯାତାୟାତ କରୁଛନ୍ତି। ଆମ୍ବୁଲାନ୍ସ ଗ୍ରାମରେ ପହଞ୍ଚି ପାରୁନାହିଁ। ମୁଖ୍ୟତଃ ବର୍ଷା ଦିନେ ଏସବୁ ଅଞ୍ଚଳ ବାହ୍ୟ ଜଗତରୁ ବିଚ୍ଛିନ୍ନ ରହୁଛି । ତେଣୁ ସ୍ଥାୟୀ ପୋଲ ନିର୍ମାଣ ପାଇଁ ଦାବି କରାଯାଇଛି। ସେହିପରି ଜିଲାରେ ଏକ ସରକାରୀ ମେଡିକାଲ କଲେଜ ନିର୍ମାଣ ଲାଗି ସରକାର ଗୁରୁତ୍ୱ ଦେବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ଆଜି ପର୍ଯ୍ୟନ୍ତ କନ୍ଧମାଳ ଜିଲା ରେଳ ଲାଇନ କ'ଣ ଜାଣି ପାରିଲା ନାହିଁ । ଗମନା ଗମନକୁ ଦୃଷ୍ଟିରେ ରଖି ଜିଲାରେ କିପରି ରେଳ ଚାଲିବ ଏବଂ ଅନ୍ୟ ଜିଲା ସହିତ ରେଳ ଲାଇନ ସଂଯୋଗ କରିବା ଆମର ଦାବି ବୋଲି ଫୋରମର ସଭାପତି ରାଧା ମୋହନ ମହାପାତ୍ର ଏବଂ ଆବାହକ ସୁନୀଲ ପଟ୍ଟନାୟକ ପ୍ରକାଶ କରିଛନ୍ତି। ରାଲିରେ ଅନ୍ୟମାନଙ୍କ ମଧ୍ୟରେ ଦୀପକ ପ୍ରସାଦ ବେହେରା, କାହ୍ନୁ ଚରଣ ଦିଗାଲ ଓ ଅନ୍ୟମାନେ ସାମିଲ ଥିଲେ ।

## ବଡଦିନ ପାଇଁ ପୋଲିସର ଯାଞ୍ଚ

ତୁମୁଡିବନ୍ଧ,୧୨।୧୨(ଡି.ଏନ୍.ଏ.)

କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକରେ ବଡଦିନ କିପରି ଶାନ୍ତି ଶୃଙ୍ଖଳାର ସହ ପାଳନ ହେବ ସେନେଇ ଜିଲା ଓ ବ୍ଲକ ପ୍ରଶାସନ ତତ୍ପର ହୋଇ ଉଠିଛନ୍ତି। ମଙ୍ଗଳବାର ତୁମୁଡିବନ୍ଧ ପୋଲିସ ରାତି ପ୍ରାୟ ୧୦ଟାରେ ତୁମୁଡିବନ୍ଧ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢାଉ କରିଥିବା ଦେଖିବାକୁ ମିଳିଥିଲା। ବିଶେଷ କରି ତୁମୁଡିବନ୍ଧ ସ୍ଥିତ ଲଜ୍, ମେଡିକାଲ ଛକରେ ଥିବା ସମସ୍ତ ହୋଟେଲ, ମୁଣ୍ଡିଗଡ, ଆଠବାଡି, ସୁନାଗାଁ, ଜଲେସପଙ୍କା ଶିବ ମନ୍ଦିର ଆଦି ଗାଁ ମାନଙ୍କରେ ଯାଇ ତନଖି କରିଥିଲେ। ନୀଳକଣ୍ଠ ଲଜ୍‌କୁ ବିନା ଆଧାର କାର୍ଡରେ କୌଣସି ବ୍ୟକ୍ତିଙ୍କୁ ନ ରଖିବାକୁ କହିବା ସହ କୌଣସି ବ୍ୟକ୍ତି ଉପରେ ସନ୍ଦେହ ହେଲେ ତୁରନ୍ତ ଥାନାକୁ ଜଣାଇବାକୁ କହିଥିଲେ। ଏହି ଚଢାଉରେ ତୁମୁଡିବନ୍ଧ ଥାନା ଭାରପ୍ରାପ୍ତ ଅଧିକାରୀ ବାବା ଶଙ୍କର ସରାଫ୍, ଏଏସ୍ଆଇ ଯୁଗଳ କିଶୋର ନାୟକ, ଏଏସ୍ଆଇ ତ୍ରିଲୋଚନ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

## ନିର୍ଦ୍ଧାରିତ ହୋଇପାରିଲାନି ଆଖୁ ଦର

ଆସିକା,୧୨।୧୨(ଡି.ଏନ୍.ଏ.)

ଆସିକା ଚିନିଶିଳ୍ପର ଚଳିତ ବର୍ଷ ଆଖୁପେଡା କାର୍ଯ୍ୟ ଲାଗି କାରଖାନାକୁ ପ୍ରସ୍ତୁତ କରାଯାଉଥିଲା ବେଳେ ଅଦ୍ୟାବଧି ଚଳିତ ବର୍ଷ ଲାଗି ଆଖୁଦର ନିର୍ଦ୍ଧାରଣ ହୋଇପାରିନାହିଁ। ବୁଧବାର ଚିନିଶିଳ୍ପ ସଭାପତି ବିପିନ ବିହାରୀ ପାତ୍ରଙ୍କ ଅଧ୍ୟକ୍ଷତାରେ ଆଖୁଚାଷୀ ପ୍ରତିନିଧିଙ୍କ ସହ ଆଖୁଦର ନିର୍ଦ୍ଧାରଣ ନେଇ ଏକ ବୈଠକ ବସିଥିଲା। ମାତ୍ର ଏଥିରେ କୌଣସି ନିଷ୍ପତ୍ତି ହୋଇପାରି ନ ଥିବା ଜଣାଯାଇଛି। ଗତ ବର୍ଷ କାରଖାନା ପକ୍ଷରୁ ଚାଷୀଙ୍କୁ ଆଖୁ ଟନ୍ ପ୍ରତି ୨୬ଶହ ୬୦ ଟଙ୍କା ଦିଆଯାଉଥିଲା। ଚଳିତ ବର୍ଷ ଏହାକୁ ବୃଦ୍ଧି କରି ୨୭ଶହ ୧୦ ଟଙ୍କା ଦେବା ଲାଗି କାରଖାନା ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ତେବେ ଆଖୁଚାଷୀ ପ୍ରତିନିଧିମାନେ ଆଖୁ ଟନ୍ ପ୍ରତି ୩୧ଶହ ୮୦ ଟଙ୍କା ଦାବି କରିବାରୁ ଆଲୋଚନା ସହମତିରେ ପହଞ୍ଚିପାରିଲା ନାହିଁ। ଆଉ ଏକ ବୈଠକ ହେବ ବୋଲି ପରିଚାଳନା ପରିଷଦର ସଭାପତି ପାତ୍ର ସୂଚନା ଦେଇଛନ୍ତି। ଏହି ବୈଠକରେ ଚିନିଶିଳ୍ପ ପରିଚାଳନା ପରିଷଦ ପକ୍ଷରୁ ସଭାପତି ପାତ୍ରଙ୍କ ସମେତ ଡାଇରେକ୍ଟର ଦୟାନିଧି ମହାନ୍ତି, ସନ୍ତୋଷ ପ୍ରଧାନ, ଶଙ୍କର ପ୍ରଧାନ ଓ ଆଖୁ ପରିଚାଳକ ଭଗବାନ ପଣ୍ଡା ରହିଥିଲା ବେଳେ ଆଖୁଚାଷୀଙ୍କ ପକ୍ଷରୁ ଲଳିତ ଦାସ, ରାଘବ ସିଅ, ପୂର୍ଣ୍ଣଚନ୍ଦ୍ର ବରାଡ, ରାମହରି ପାତ୍ର, ଭଗବାନ ସ୍ୱାଇଁ, ଜଳନ୍ଧର ନାହାକଙ୍କ ସମେତ ୨୫ଜଣ ଆଖୁ ଚାଷୀ ସାମିଲ ଥିଲେ।

## ଫୁଡ୍ କମିଶନ ଅଧ୍ୟକ୍ଷଙ୍କ ତୁମୁଡ଼ିବନ୍ଧ ଗସ୍ତ

ତୁମୁଡିବନ୍ଧ,୧୨।୧୨(ଡି.ଏନ୍.ଏ.)

ରାଜ୍ୟ ଫୁଡ କମିଶନ ଅଧ୍ୟକ୍ଷ ରଙ୍ଗଲାଲ ଜାମୁଡା ବୁଧବାର କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିଛନ୍ତି। ବ୍ଲକର ମୁଣ୍ଡିଗଡ, ବେଲଘର ଓ କୁର୍ତ୍ତମଗଡ ପଞ୍ଚାୟତକୁ ଯାଇ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଦେଖିଥିଲେ। ପ୍ରଥମେ ସେ ମୁଣ୍ଡିଗଡ ପଞ୍ଚାୟତକୁ ଯାଇ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଜାତୀୟ ରାଜପଥ ୫୯ ଲଙ୍କାଗଡ ଛକଠାରୁ ସୁନାଗାଁ ମହାବନ୍ଧକୁ ସଂଯୋଗ କରୁଥିବା ରାସ୍ତା କାର୍ଯ୍ୟ ଦେଖିଥିଲେ। ସେଠାରେ କାର୍ଯ୍ୟରତ ଜବକାର୍ଡଧାରୀମାନଙ୍କୁ ଭେଟି ସମସ୍ତ ବିଷୟ ପଚାରି ବୁଝିଥିଲେ। ଏହାପରେ ବେଲଘର ଗସ୍ତକରି କେକେଡିଏ କାର୍ଯ୍ୟାଳୟ ଯାଇ ବିଭିନ୍ନ କାର୍ଯ୍ୟ ବାବଦରେ ବୁଝି ସମସ୍ତ କୁଟିଆକନ୍ଧମାନଙ୍କୁ ଜଙ୍ଗଲ ଜମି ଅଧିକାରରେ ଦିଆଯାଇଥିବା ଜମି ବାବଦରେ ଆଲୋଚନା କାରିଥିଲେ। ତିଡିପଦର ଗ୍ରାମକୁଯାଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବୁଲି ଦେଖିବା ସହ ଲଣ୍ଡୁଗୁଡା ଗ୍ରାମର ୨୧ପରିବାରଙ୍କୁ ଜଙ୍ଗଲ ଜମି ଅଧିକାରରେ ଦିଆଯାଇଥିବା ଜମିରେ କରିଥିବା ପନିପରିବା ଚାଷ ଦେଖିଥିଲେ। ଏହି କାର୍ଯ୍ୟକ୍ରମରେ ବିଡି ଡିଆର୍‌ଡିଏ ବିଶ୍ୱନାଥ ବାରିକ, ଜିଲା ଯୋଗାଣ ଅଧିକାରୀ ସୁବୋଧ ମଲିକ, ବିଡିଓ ଜୟଦେବ ଦାଶ, ତହସିଲଦାର ଚନ୍ଦ୍ରହାସ ନାୟକ, ତୁମୁଡିବନ୍ଧ ବ୍ଲକ ଯୋଗାଣ ଅଧିକାରୀ କବିରାଜ ଧରୁଆ, ବ୍ଲକ ଅଧକ୍ଷ ପ୍ରକାଶ ଚନ୍ଦ୍ର ପାତ୍ର, ତୁମୁଡିବନ୍ଧ ସରପଞ୍ଚ ମୟନ୍ତି ପାଟ୍ଟମାଝୀ, ମୁଣ୍ଡିଗଡ ସରପଞ୍ଚ ନାରାୟଣ ପାତ୍ର ଉପସ୍ଥିତ ଥିଲେ।

## ଓମାନରେ ଫସିଛନ୍ତି ଗଞ୍ଜାମର ୫ ଶ୍ରମିକ

ଛତ୍ରପୁର,୧୨।୧୨(ଡି.ଏନ.ଏ.)

ଗଞ୍ଜାମ ଜିଲାର ୫ ଜଣ ଶ୍ରମିକ କାମ କରିବାକୁ ଯାଇ ଓମାନରେ ଫସି ରହିଛନ୍ତି। ସେମାନଙ୍କୁ ଦୀର୍ଘ ୫ମାସ ହେଲା ଦରମା ମିଳୁନି। ଓମାନର ମସ୍କଟ ସହରକୁ ୨୦୧୭ ଜାନୁୟାରୀ ୨୩ରେ ଗଞ୍ଜାମ ଜିଲାର ୫ଜଣ କାମ କରିବାକୁ ଯାଇଥିଲେ। କିଛିଦିନ ଠିକ୍ ଭାବେ ଦରମା ମିଳିବା ପରେ ୫ମାସ ହେଲା ଦରମା ଦିଆଯାଇ ନ ଥିବା ନେଇ ସେମାନେ ଫୋନ ମାଧ୍ୟମରେ ପରିବାରବର୍ଗଙ୍କୁ ଜଣାଇଥିଲେ। ଏହାପରେ ସେମାନଙ୍କ ପରିବାରଲୋକଙ୍କ ପକ୍ଷରୁ ଛତ୍ରପୁରସ୍ଥିତ ଗଞ୍ଜାମ ଜିଲା ଶ୍ରମ ଅଧିକାରୀ ଶିବ ନାରାୟଣ ସାହୁଙ୍କୁ ଜଣାଇବା ସହ ଓମାନରୁ ଶ୍ରମିକ ମାନଙ୍କୁ ଭାରତକୁ ଫେରାଇ ଆଣିବାକୁ ଅନୁରୋଧ କରିଛନ୍ତି। ଗଞ୍ଜାମ ଜିଲାର ଫସି ରହିଥିବା ଶ୍ରମିକମାନେ ହେଲେ କୋଦଳାର ଅଲିକ୍ରିଷ୍ଣା ପ୍ରଧାନ ଓ କାହ୍ନୁ ପ୍ରଧାନ, କବିସୂର୍ଯ୍ୟନଗରର ବିପିନ ବିହାରୀ ପଲେଇ, ଟିକିଟିର ଜି. ପୂର୍ଣ୍ଣ ରେଡ୍ଡୀ ଓ ପୋଲସରାର ସୁରଜ କୁମାର ପ୍ରଧାନ। ଫସିରଥିବା ଶ୍ରମିକ ମାନଙ୍କ ସହ ଫୋନରେ ଶ୍ରମ ଅଧିକାରୀ ସାହୁ ବୁଧବାର କଥା ହୋଇଛନ୍ତି। ଏନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିବେ ବୋଲି ସେ କହିଛନ୍ତି।





## ମଦ ବିକ୍ରି ବନ୍ଦ, ଗିରଫ ମହିଳାଙ୍କୁ ଛାଡ଼ିବା ଦାବିରେ ରାସ୍ତାରୋକୋ

ପୋଲସରା,୧୨।୧୨(ଡି.ଏନ.ଏ.)



ଆଦିବାସୀମାନଙ୍କ ରାସ୍ତାରୋକୋ

ପୋଲସରା ଥାନା ଗୋଛାବାଡ଼ି ପଞ୍ଚାୟତ ଆଦିବାସୀ ଗ୍ରାମ ଶିକିରିରେ ବୁଧବାର ଆଦିବାସୀଙ୍କ ପକ୍ଷରୁ ଶତାଧିକ ମହିଳା ଓ ପୁରୁଷ ମଦବିକ୍ରି ଅଭିଯୋଗରେ ଗିରଫ ଜଣେ ମହିଳାଙ୍କୁ ଛାଡିବା ଓ ଅଞ୍ଚଳରେ ସମ୍ପୂର୍ଣ୍ଣ ମଦ ବିକ୍ରି ବନ୍ଦ ଦାବିରେ ପୋଲସରା ସିଂହାସିନୀକୁ ସଂଯୋଗ କରୁଥିବା ରାସ୍ତାରେ କାଠଗଣ୍ଡି ପକାଇ ରାସ୍ତା ଅବରୋଧ କରିଥିଲେ। ରାସ୍ତାରୋକୋ ଦ୍ୱାରା ବହୁ ସମୟ ଧରି ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ଖବର ଲେଖା ହେବା ସୁଦ୍ଧା ରାସ୍ତାରୋକୋ ହଟିଥିଲା କିନ୍ତୁ ପରିସ୍ଥିତି ଉତ୍ତେଜନା ରହିଛି। ଘଟଣାସ୍ଥଳରେ ଏଏସ୍ଆଇ ବାବୁଲାଲ ରାଉଳ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଗତ ୯ ତାରିଖରେ ଲାଇସେନ୍ସପ୍ରାପ୍ତ ଗୁଟାଦାରଙ୍କ ନିର୍ଦ୍ଦେଶରେ ଅବକାରୀ ବିଭାଗ ପକ୍ଷରୁ ଆଦିବାସୀ ଅଞ୍ଚଳ ଶିକିରରେ ରନ୍ଧା ମହୁଲି ମଦ ଉପରେ ଚଢ଼ାଉ କରାଯାଇଥିଲା ଏବଂ ଏଥିରେ ଜଣେ ମହିଳାଙ୍କୁ ଅବକାରୀ ବିଭାଗ ଗିରଫ କରିଥିଲା। ଏହାର ପ୍ରତିବାଦରେ ଆଦିବାସୀମାନେ ମିଳିତ ହୋଇ ଆଦିବାସୀ ଅଞ୍ଚଳରେ ସମ୍ପୂର୍ଣ୍ଣ ମଦ ବିକ୍ରି ବନ୍ଦ କରିବା ନେଇ ସୋମବାର ପୋଲସରା ବ୍ଲକରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ବୁଧବାର ଲାଇସେନ୍ସପ୍ରାପ୍ତ ଦୋକାନୀ କିଛି ପାଉଚ ମଦ ଓ ବିଦେଶୀ ବୋତଲ ମଦ ପେଟି ଏକ ପିକଅପ୍ ଭ୍ୟାନରେ ଆଦିବାସୀ ଅଞ୍ଚଳକୁ ନେଇ ଯାଉଥିଲେ। ଏହି ସମୟରେ ଆଦିବାସୀମାନେ ଏହା ଦେଖି ମଦ ବୋଝେଇ ଗାଡ଼ି ସହ ୨ ଜଣ ଯୁବକଙ୍କୁ ଅଟକ ରଖିଥିଲେ। ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ଅଟକ ଗାଡ଼ି ଓ ଯୁବକ ଦ୍ୱୟଙ୍କୁ ଉଦ୍ଧାର କରାଯାଇ ପାରି ନ ଥିବା ଜଣାପଡିଛି।

2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ